୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.202 Bhubaneswar Wednesday September 18 2024 | ୨୬ତମ ବର୍ଷ ସଂଖ୍ୟା-୨୦୨ ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୮, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ୩ ମାସ ବିତିଲାଣି: ପାଣ୍ଡିଆନଙ୍କ ଇକୋସିଷ୍ଟମରୁ ବାହାରି ପାରୁନାହାନ୍ତି ମୋହନ ସରକାର





ଭୁବନେଶ୍ୱର,୧୭।୯(ପି.ଏନ): ବିଜେଡିର ୨୪ବର୍ଷର ଶାସନକୁ ଧ୍ୱଂସ କରି ରାଜ୍ୟବାସୀ ବିଜେପି ସପକ୍ଷରେ ଜନାଦେଶ ଦେଲେ । ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ରାଜ୍ୟରେ ସରକାର ଗ?ିବାର ୩ମାସ ବିତିସାରିଲାଣି । କିନ୍ତୁ ଏବେବି ବିଜେଡିର ସର୍ବ?ସର୍ବା ଭିକେ ପାଣ୍ଡିଆନଙ୍କ ଇକୋସିଷ୍ଟମରୁ ପ୍ରଶାସନକୁ ବାହାର କରିବାରେ ମୋହନ ସରକାର ସକ୍ଷମ ହୋଇପାରିନାହାନ୍ତି । ରାଜ୍ୟ ସରକାରଙ୍କ ପ୍ରମୁଖ ବିଭାଗ(ଲାଇନ୍ ଡିପାର୍ଟମେଂଟ)ଗୁଡିକ ଏବେବି ପାଣ୍ଡିଆନଙ୍କ ଖାସ୍ ସହଯୋଗୀମାନଙ୍କ ପାଖରେ ପୂର୍ବଭଳି ରହିଛି । ସେହି ବିଭାଗୀୟ ମୁଖ୍ୟ(ସଚିବମାନଙ୍କୁ) ବଦଳାଇ ପୂର୍ବ ବିଜେଡି ସରକାରର ଇକୋସିଷ୍ଟମରୁ ବାହାରିବା ପରିବର୍ତ୍ତ ? ସେହି ଅଫିସରମାନଙ୍କୁ ମୋହନ ସରକାର ସେହି ଦାୟିତ୍ୱରେ ଗେହ୍ଲାପୁଅ କରି ବସାଇଥିବାକୁ ନେଇ ପାୱାର କରିଡରରେ ଭିନ୍ନ ଭିନ୍ନ ଚର୍ଚ୍ଚା ଲାଗି ରହିଛି । ରାଜ୍ୟ ସରକାରଙ୍କ ଦୁହାଁଳିଆ ବିଭାଗ ଯଥା- ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ, ଜଳସମ୍ପଦ, ଅବକାରୀ, ଖାଦ୍ୟଯୋଗାଣ, ଶିଳ୍ପ, ବାଣିଜ୍ୟ ଓ ପରିବହନ, କୃଷି, ଉଚ୍ଚଶିକ୍ଷା ସମେତ ଓଡିଶା ଖଣି ନିଗମ ଓ ଓଡିଶା ଖଣିଜ ଉତ୍ତୋଳନ ନିଗମ ଭଳି ଦାୟିତ୍ୱରେ ଥିବା ଅଫିସରଙ୍କୁ ବଦଳାଇ ନଥିବା ଜଣାପଡିଛି । ଏପରିକି ଏହି ବିଭାଗଗୁଡିକ ଦାୟିତ୍ୱରେ ଥିବା ଅଫିସରଙ୍କ ମଧ୍ୟରେ ଅଧିକାଂଶ ୩ବର୍ଷରୁ ଅଧିକ ସମୟ ବିତାଇ ସାରିଲେଣି ।ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ସୂତ୍ରରୁ ଜଣାପଡିଛି ଯେ, ପୂର୍ବ ବିଜେଡି ସରକାର ସମୟରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ(ଲାଇନ୍ ଡିପାର୍ଟମେଂଟ)ରେ ଥିବା ଅଫିସରମାନେ ଏବେବି ମୋହନ ସରକାରଙ୍କ କାର୍ଯ୍ୟକାଳରେ ଅନୁରୂପ ଦାୟିତ୍ୱ ତୁଲାଉଛନ୍ତି । ଏପରିକି ଗୋଟିଏ ବିଭାଗରେ ୩ବର୍ଷରୁ ଅଧିକ ସମୟ ଧରି କାହିଁକି ଅଫିସରମାନେ କାର୍ଯ୍ୟ କରୁଛନ୍ତି ବୋଲି ପୂର୍ବରୁ ପ୍ରଶ୍ନ କରିଆସୁଥିବା ବିଜେପି ଏବେ ନିଜର ସରକାର ଆସିବା ପରେ ମଧ୍ୟ ସେମାନଙ୍କୁ ବଦଳାଇବାକୁ ଆଗ୍ରହ ଦେଖାଇନାହିଁ । ଉଦାହରଣ ସ୍ୱରୂପ- ୧୯୯୧ ବ୍ୟାଚ୍ ଆଇଏଏସ୍ ଅନୁ ଗର୍ଗ ଯିଏକି ଉନ୍ନୟନ କମିଶନର ଭାବେ କାର୍ଯ୍ୟ କରୁଛନ୍ତି ଓ ୨୦୨୦ ଜୁଲାଇ ମାସରୁ ଜଳସମ୍ପଦ ବିଭାଗର ସଚିବ ଦାୟିତ୍ୱରେ ଅଛନ୍ତି ।୧୯୯୩ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ୨୦୨୧ ଜୁଲାଇ ମାସରୁ ସାଧାରଣ ପ୍ରଶାସନ ବିଭାଗର ଦାୟିତ୍ୱରେ ରହିଛନ୍ତି । ଏବେ ତାଙ୍କୁ ତାଙ୍କର ପୁରୁଣା ବିଭାଗ ଇସ୍ପାତ ଓ ଖଣି ସହ ସଂସଦୀୟ ବ୍ୟାପାର ବିଭାଗର ଦାୟିତ୍ୱ ମଧ୍ୟ ମିଳିଛି । ସେ ଓଏମସି, ଓଏମଇସିଏଲ ଓ ଇଡକଲ ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଛନ୍ତି । ମୋହନ ସରକାର ତାଙ୍କୁ ୩ଟି ବିଭାଗର ସଚିବ ଦାୟିତ୍ୱ ସହ ୩ଟି ନିଗମର ଅଧ୍ୟକ୍ଷ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ପଦବୀରେ ସେ ପ୍ରାୟ ଦେ?ବର୍ଷ ଧରି ରହିବା ପରେ ୨୦୧୯ ସେପ୍ଟେମ୍ବର ମାସରେ ତାଙ୍କୁ ଇସ୍ପାତ ଓ ଖଣି ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ମିଳିଥିଲା । କିନ୍ତୁ ୨୦୨୧ ଜୁଲାଇରେ ତାଙ୍କୁ ସାଧାରଣ ପ୍ରଶାସନ ବିଭାଗକୁ ବଦଳି କରାଯାଇଥିଲା । ଏବେ ପୁଣିଥରେ ସେ ନିଜର ପୁରୁଣା ବିଭାଗକୁ ଫେରିଛନ୍ତି, ତା' ସହ ଅନ୍ୟ ୫ଟି ଦାୟିତ୍ୱ ମଧ୍ୟ ତାଙ୍କ ପାଖରେ ।ସେହିପରି ୧୯୯୫ ବ୍ୟାଚ୍ ଆଇଏଏସ୍ ହେମନ୍ତ କୁମାର ଶର୍ମା ୨୦୧୯ ଅଗଷ୍ଟ ମାସରୁ ଶିଳ୍ପ ବିଭାଗର ସଚିବ ଦାୟିତ୍ୱରେ ଅଛନ୍ତି । ଏବେ ସେ ଶକ୍ତି ଓ ଏମଏସଏମଇ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ସଚିବ ଏବଂ ଇପିକଲ ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ମୋହନ ସରକାର ତାଙ୍କୁ ନ୍ୟସ୍ତ କରିଛନ୍ତି । ଶ୍ରୀ ଶର୍ମାଙ୍କ ପାଖରେ ବହୁ ଦିନ ଧରି ଶକ୍ତି ବିଭାଗ ରହିଥିଲା । ଆଉ ଶିଳ୍ପ ବିଭାଗ ତାଙ୍କ ପାଖରେ ୫ବର୍ଷରୁ ଅଧିକ ସମୟ ଧରି ରହିଛି ।ଶ୍ରୀ ଶର୍ମାଙ୍କ ବ୍ୟାଚ୍‌ର ଆଇଏଏସ୍ ସୁଶୀଲ କୁମାର ଲୋହାନୀ ୨୦୧୯ ଅଗଷ୍ଟ ମାସରୁ ୨୦୧୯ ଅଗଷ୍ଟରେ କେନ୍ଦ୍ରୀୟ ଡେପୁଟେସନରୁ ଫେରିବା ପରଠୁ ଅବକାରୀ ବିଭାଗ ତାଙ୍କ ପାଖରେ ରହିଛି । ପୂର୍ବ ବିଜେଡି ସରକାରରେ ସେ ୨୦୧୯ ସେପ୍ଟେମ୍ବରରୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ପଦବୀରେ ରହିଥିଲେ ମଧ୍ୟ ଅବକାରୀ ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଥିଲେ । ୨୦୨୨ ଅଗଷ୍ଟ ୨୭ତାରିଖରେ ତାଙ୍କୁ ପଂଚାୟତିରାଜ ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ମିଳିଥିଲା । ଅବଶ୍ୟ ନିର୍ବାଚନ ଆୟୋଗଙ୍କ ତାଗିଦ୍ ପରେ ତତକାଳୀନ ବିଜେଡି ସରକାର ତାଙ୍କୁ ୨୦୨୩ ମାର୍ଚ୍ଚ ମାସରେ ସିଇଓ ପଦବୀରୁ ଫେରାଇ ଆଣିଥିଲା । ଆଉ ସେବେଠୁ ସେ ପଂଚାୟତିରାଜ ବିଭାଗର ସଚିବ ଅଛନ୍ତି ଆଉ ପ୍ରାୟ ୫ବର୍ଷରୁ ଅଧିକ ଦିନ ଧରି ଅବକାରୀ ବିଭାଗ ଦାୟିତ୍ୱ ମଧ୍ୟ ତୁଲାଇ ଆସୁଛନ୍ତି ।୧୯୯୬ ବ୍ୟାଚ୍ ଆଇଏଏସ୍ ବୀରବିକ୍ରମ ଯାଦବଙ୍କ ପାରିବାପଣିଆ ଏତେ ଯେ, ସେ ଉଭୟ ବିଜେଡି ଓ ବିଜେପି ସରକାରରେ ଗେହ୍ଲାପୁଅ ହୋଇ ରହିଛନ୍ତି । ୨୦୧୭ ଅକ୍ଟୋବରରୁ ଅର୍ଥାତ୍ ୭ବର୍ଷ ଧରି ସେ ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସଚିବ ଅଛନ୍ତି । ପୂର୍ତ୍ତ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ସଚିବ ଦାୟିତ୍ୱ ମଧ୍ୟ ୨୦୨୨ ମାର୍ଚ୍ଚ ମାସରୁ ତୁଲାଉଛନ୍ତି । ରାଜ୍ୟ ଓବିସି ଆୟୋଗରେ ସଦସ୍ୟ ସଚିବ ବି ଅଛନ୍ତି । ବିଜେଡି ସରକାରରେ ଏହିସବୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ଶ୍ରୀ ଯାଦବ ଏବେ ମୋହନ ସରକାରରେ ବି ସମାନ ଦାୟିତ୍ୱରେ ରହିଛନ୍ତି ।

## କ୍ୱାଡ ପାଇଁ ୨୧ରୁ ୨୩ ଯାଏ ଆମେରିକା ଯିବେ ମୋଦି, ଜାତିସଂଘକୁ ସମ୍ବୋଧନ କରିବେ



ଭୁବନେଶ୍ୱର,୧୭।୯(ପି.ଏନ): ଆସନ୍ତ ୨୧ ତାରିଖରୁ ୨୩ ଯାଏ ଆମେରିକା ଗସ୍ତ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କ୍ୱାଡ ନେତାମାନଙ୍କ ୪ର୍ଥ ସମ୍ମିଳନୀରେ ଯୋଗ ଦେବାକୁ ସେ ଆମେରିକା ଯାଉଛନ୍ତି। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦି ନ୍ୟୁୟର୍କରେ ଥିବା ମିଳିତ ଜାତିସଂଘର ସାଧାରଣ ମହାସଭାକୁ ମଧ୍ୟ ସମ୍ବୋଧନ କରିବେ।ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଆୟୋଜନ କରୁଥିବା କ୍ୱାଡ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦି ସାମିଲ ହେବେ। ୱିଲମିଙ୍ଗଟନରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। କ୍ୱାଡରେ ଭାରତ ବ୍ୟତୀତ ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ରହିଛନ୍ତ।ବୈଠକରେ କ୍ୱାଡ ବର୍ଷକ ମଧ୍ୟରେ କ'ଣ ସବୁ ହାସଲ କରିଛି, ତା' ଉପରେ ଆଲୋଚନା ହେବ। ସେହିପରି ବିକାଶ ପାଇଁ ଆଗାମୀ ଦିନର ଏଜେଣ୍ଡାକୁ ଧାର୍ଯ୍ୟ କରାଯିବ। ୪ର୍ଥ କ୍ୱାଡ ସମ୍ମିଳନୀ ଆମେରିକା ଆୟୋଜନ କରୁଥିବା ବେଳେ ପରବର୍ତ୍ତୀ ସମ୍ମିଳନୀ ଭାରତ ହୋଷ୍ଟ କରିବ।

## କାରଖାନାରେ ଦୁର୍ଘଟଣା: ୨ ଜଣ ଶ୍ରମିକଙ୍କ ମୃତ୍ୟୁ, ୬ ଗୁରୁତର

ଝାରସୁଗୁଡା,୧୭।୯(ପି.ଏନ): ସ୍ଥାନୀୟ ଏମଏସପି ପ୍ଲାଣ୍ଟରେ ମଙ୍ଗଳବାର ପୂର୍ବାହ୍?ଣରେ ବଡ଼ ଦୁର୍ଘଟଣା ଘଟିଛି। ଏହି କାରଖାନାର ବର୍ଣଫିକେସନ୍ ପ୍ଲେଟ ପଡ଼ି ୨ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାର ଶିକାର ହୋଇଥିବା ଅନ୍ୟ ୫ଜଣ ଶ୍ରମିକ ଗୁରୁତର ଥିମ୍‌ବା ଜଣାପଡିଛି। ମୃତକମାନେ ହେଲେ ପୂର୍ଣ୍ଣଚନ୍ଦ୍ର ଜେନା ଓ ଆଲୋକ ଦେଓ। ସୂଚନା ଅନୁସାରେ ଝାରସୁଗୁଡ଼ାସ୍ଥିତ ଓଡିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ (ଏମଏସପି ପ୍ଲାଣ୍ଟ)ରେ ମଙ୍ଗଳବାର ଅନ୍ୟ ଦିନ ଭଳି ଶ୍ରମିକମାନେ କାର୍ଯ୍ୟରତ ଥିଲେ। ପୂର୍ବାହ୍ନ ୧୧ଟା ବେଳେ ବ୍ଲାଷ୍ଟ ଫର୍ଣ୍ଣାସ ନିକଟରେ ଥିବା ଫିଲଟର ପ୍ରେସ୍?ରେ ଏକ ବିଶାଳ ଲୁହା ପ୍ଲେଟ ଖସି ପଡ଼ିଥିଲା। ଏହି ସମୟରେ ଶ୍ରମିକମାନେ ଏଥରେ ଫସି ଯାଇଥିଲେ। ମୃତକମାନେ ହେଲେ ଗଂଜାମ ଜିଲ୍ଲାର ପୂର୍ଣ୍ଣଚନ୍ଦ୍ର ଜେନା ଓ ଝାଡଖଣ୍ଡର ଆଲୋକ ଦେଓ। ସେମାନଙ୍କର ମୃତଦେହ ପୁଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ କଂପାନି ସମ୍ମୁଖରେ ମୃତକଙ୍କ ପରିଜନ ଓ କର୍ମଚାରୀମାନେ କ୍ଷତିପୂରଣ ଦାବି ନେଇ ଆନ୍ଦୋଳନ ଆରମ୍ଭ କରିଛନ୍ତି।

## କାଠପାଳ ବନ୍ଧରେ ବୁଡି ୨ ଆଇଟିଆଇ ଛାତ୍ର ମୃତ

ବାରିପଦା,୧୭।୯(ପି.ଏନ): ମୟୂରଭଞ୍ଜ ଜିଲ୍ଲା ବାରିପଦା ସହର ଉପକଣ୍ଠ କାଠପାଳ ବନ୍ଧରେ ବୁଡି ୨ ଆଇଟିଆଇ ଛାତ୍ରଙ୍କ ପ୍ରାଣହାନି ଘଟିଥିବା ଜଣାପଡିଛି । ଏକ ଶିଳ୍ପତାଲିମ କେନ୍ଦ୍ରର ଏହି ଛାତ୍ର ଦ୍ୱୟ ବିଶ୍ୱକର୍ମା ମୂର୍ତ୍ତି ବିସର୍ଜନ ପାଇଁ ଯାଇଥିବା ବେଳେ ଅଘଟଣ ଘଟିଛି। ଉଭୟଙ୍କର ମୃତଦେହ ଉଦ୍ଧାର ହୋଇଛି। ଏକ ଶିଳ୍ପତାଲିମ କେନ୍ଦ୍ରର ଏହି ଛାତ୍ର ଦ୍ୱୟ ବିଶ୍ୱକର୍ମା ମୂର୍ତ୍ତି ବିସର୍ଜନ ପାଇଁ ଯାଇଥିବା ବେଳେ ଅଘଟଣ ଘଟିଛି। ଘଟଣା ସ୍ଥଳରେ ବାରିପଦା ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଥିଲେ। ଛାତ୍ରଦ୍ୱୟ ହେଲେ ବାଦାମପାହାଡ଼ ଅଞ୍ଚଳର ଠାକୁର ସୋରେନ ଓ କରଞ୍ଜିଆ ତାଟୋ ଅଞ୍ଚଳର ବଡ଼ଗାଁର ଭାଗ୍ୟ ପ୍ରକାଶ ପାତ୍ର। ଉଭୟ ହଷ୍ଟେଲରେ ରହି ପାଠପଢୁଥିବା ଜଣାପଡିଛି । ସୂଚନା ଥାଉକି ଗଣେଶ ପୂଜା ମୂର୍ତ୍ତି ବିସର୍ଜନ ସମୟରେ ବାରିପଦା ସଦରଥାନା ଅଧୀନ ଲକ୍ଷ୍ମୀପୋଷୀ ନିକଟ ସୁବର୍ଣ୍ଣରେଖା କେନାଲରେ ୨ଜଣ ଓଏଭି ଛାତ୍ର ବୁଡିବାର ୪ଦିନ ପରେ ପୁଣି ୨ ଛାତ୍ରଙ୍କ ମୃତ୍ୟୁ ଘଟଣା ଚିନ୍ତାର ବିଷୟ ହୋଇଛି।

## ସେନା ଅଧିକାରୀଙ୍କ ବାନ୍ଧବୀଙ୍କୁ ଦୁଷ୍କର୍ମ ଧମକ ଦେଇଥିଲେ ଆଇଆଇସି !



ଭୁବନେଶ୍ୱର,୧୭।୯(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ଚାଞ୍ଚଲ୍ୟ। କମିଶନରେଟ୍ ପୁଲିସ୍ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆଣିଲେ ସ୍ଥଳସେନା ଅଧିକାରୀ ଓ ତାଙ୍କ ବାନ୍ଧବୀ। ଯାହାକୁ ନେଇ ହଲଚଲ୍ ପୂରା କମିଶନରେଟ୍ ପୁଲିସ। ଅଭିଯୋଗ ଅନୁସାରେ ଭରତପୁର ଥାନା ପୁଲିସ୍ ରାତି ତମାମ ସେନା ଅଧିକାରୀଙ୍କୁ ଲକ୍‌ଅପରେ ରଖିଲେ ଓ ତାଙ୍କ ବାନ୍ଧବୀଙ୍କୁ ମାଡ ମାରିଲେ। ଏପରିକି ଦୁଷ୍କର୍ମ ଧମକ ମଧ୍ୟ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସେନା ଉଦ୍‌ବେଗ ପ୍ରକାଶ କରିବା ପରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଡିଜିପି।୨୨ ଶିଖ ରେଜିମେଣ୍ଟର ସେନା ଅଧିକାରୀ ହେଉଛନ୍ତି ମେଜର ଗୁରୁବଂଶ ସିଂ। ତାଙ୍କ ଘର ଦିଲ୍ଲୀରେ। ସେ ବୁଲିବା ପାଇଁ ଭୁବନେଶ୍ୱର ଆସିଥିଲେ। ତାଙ୍କ କହିବା ଅନୁସାରେ ସେ ଗତ ଶନିବାର ବିଳମ୍ବିତ ରାତିରେ ପଟିଆରୁ ବାନ୍ଧବୀଙ୍କ ସହ କାରରେ ଯାଉଥିଲେ। କିନ୍ତୁ ମଝି ରାସ୍ତାରେ ୨ଟି କାରରେ କିଛି ରୋଡ୍?ରୋମିଓ ଆସି ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ସଂପର୍କରେ ଅଭିଯୋଗ କରିବା ପାଇଁ ସେ ଭରତପୁର ଥାନାକୁ ଯାଇଥିଲେ।

## ପୂରଣ ହେଲା ଡାକ୍ତରଙ୍କ ଦାବି, ମନୋଜ ବର୍ମା ହେଲେ କୋଲକାତା ପୁଲିସ କମିଶନର

ଭୁବନେଶ୍ୱର,୧୭।୯(ପି.ଏନ): ଆଇପିଏସ୍ ଅଫିସର ମନୋଜ କୁମାର ବର୍ମା ହୋଇଛନ୍ତି କୋଲକାତାର ନୂଆ ପୁଲିସ କମିଶନର। ଗତକାଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ପଦରୁ ବିନୀତ ଗୋଏଲଙ୍କୁ ହଟାଇବା ପରେ ଓଚଝ ମନୋଜ କୁମାର ବର୍ମାଙ୍କୁ ପୁଲିସ କମିଶନର ପଦରେ ନିଯୁକ୍ତି ଦେଇଛନ୍ତି।୧୯୯୮ ବ୍ୟାଚ୍‌ର ମନୋଜ ବର୍ମା ପଶ୍ଚିମବଙ୍ଗ ପୁଲିସରେ ଅତିରିକ୍ତ ମହାନିର୍ଦ୍ଦେଶକ (ADG) ଭାବରେ ପୋଷ୍ଟ କରାଯାଇଥିଲା। ସେ ଏହା ପୂର୍ବରୁ ବାରାକପୋରାର ପୁଲିସ କମିଶନର ତଥା ସୁରକ୍ଷା ନିର୍ଦ୍ଦେଶାଳୟରେ ଅତିରିକ୍ତ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିଲେ। ବର୍ତ୍ତମାନ ସେ କୋଲକାତାର ପୁଲିସ କମିଶନର ହୋଇଛନ୍ତି।

## ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଅରବିନ୍ଦ କେଜ୍ରିୱାଲ



ଭୁବନେଶ୍ୱର,୧୭।୯(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଆପ୍? ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ। ଆଜି ଅପରାହ୍ନରେ ସେ ଉପ ରାଜ୍ୟପାଳ ଭିକେ ସକ୍‌ସେନାଙ୍କୁ ଭେଟି ନିଜର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ଆତିଶୀ, ସୌରଭ ଭରଦ୍ୱାଜ ଓ ଗୋପାଳ ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ। କେଜ୍ରିୱାଲ ଇସ୍ତଫା ଦେଇଥିବାରୁ ଏବେ ଆପର ଅନ୍ୟତମ ବରିଷ୍ଠ ନେତା ଆତିଶୀ ମାର୍ଲ?ନା ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହେବେ। ଆଜି ସେ ମଧ୍ୟ ଉପ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି ।କେଜ୍ରିୱାଲ ଇସ୍ତଫା ଦେଇଥିବାରୁ ଖୁବଶୀଘ୍ର ସେ ରହୁଥିବା ସିଭିଲ୍? ଲାଇନ୍ସ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବଙ୍ଗଳା ମଧ୍ୟ ଖାଲି କରିବେ। ଏହି ବଙ୍ଗଳାରେ କେଜ୍ରିୱାଲ ତାଙ୍କ ପତ୍ନୀ ସୁନୀତା, ନିଜର ପିଲା ଓ ବାପା-ମା'ଙ୍କ ସହ ରହୁଛନ୍ତି। ବଙ୍ଗଳା ଛାଡିବା ପାଇଁ ମଧ୍ୟ ସେ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି।

## ଓଡ଼ିଶା ବିରୋଧରେ ଦିଲ୍ଲୀରେ ଷଡଯନ୍ତ୍ର, ହକ୍ ଦେବାକୁ ନାରାଜ କେନ୍ଦ୍ରର ବିଜେପି ସରକାର

ଭୁବନେଶ୍ୱର୧୭।୯(ପି.ଏନ): ନା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦେଉଛ ନାଁ କୋଇଲା ରୟାଲଟି ସଂଶୋଧନ କରୁଛ । ସବୁ ଆଡୁ ଅବହେଳା । ବାରମ୍ବାର ଅଭିଯୋଗ ସତ୍ତ୍ୱ ? ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳା ଚରମସୀମାରେ ପହଞ୍ଚିଛି । ରାଜ୍ୟର କିଛି ବି ଦାବି ଶୁଣିବାକୁ ନାରାଜ କେନ୍ଦ୍ରର ବିଜେପି ସରକାର । ଓଡ଼ିଶା ପ୍ରତି ଦିଲ୍ଲୀ ଦରବାର ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ କରି ଆଜି ବର୍ଷିଛି ବିଜେଡି ।ସାମ୍ବାଦିକ ସମ୍ମିଳନୀରେ ଦଳର ନେତା ସଞ୍ଜୟ ଦାସବର୍ମା ଅଭିଯୋଗ କରିଛନ୍ତି, ଓଡ଼ିଶା ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି । ନବୀନ ପଟ୍ଟନାୟକ ବାରମ୍ବାର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରି ଆସୁଛନ୍ତି, କିନ୍ତୁ କର୍ଣ୍ଣପାତ କରୁନି କେନ୍ଦ୍ର । ବିହାର ଓ ଆନ୍ଧ୍ରକୁ ଦେଲ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ, ହେଲେ ଓଡ଼ିଶାକୁ କାହିଁକି ଦିଆଗଲାନି ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୟ ।ସେହିପରି ବହୁ ବର୍ଷ ହେଲା କୋଇଲା ରୟାଲଟି ସଂଶୋଧନ ହୋଇ ନଥିବାରୁ ରାଜ୍ୟ ହରାଉଛନ୍ତି ଶହ ଶହ କୋଟି ଟଙ୍କା । ନିକଟରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଅନୁସାରେ ଓଡ଼ିଶା ଖଣିଜ ସମ୍ପଦରୁ ୨୦୦୫ରୁ ଏପର୍ଯ୍ୟନ୍ତ ୨ ଲକ୍ଷ କୋଟି ଟଙ୍କା ପାଇବ । କିନ୍ତୁ ସେହି ରାୟର ରିଭ୍ୟୁ ପିଟିସନ ଦାଖଲ କରିଛନ୍ତି କେନ୍ଦ୍ର ସରକାର । ଏହାଦ୍ୱାରା ଓଡ଼ିଶାର କ୍ଷତି ହେବ ବୋଲି କହିବା ସହ ଏଥିରୁ କ୍ଷାନ୍ତ ହେବାକୁ ଓଡ଼ିଶାର ୨୦ ବିଜେପି ସାଂସଦ ଦାବି କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି । ପିଏମ୍ ଆବାସ ପ୍ରଦାନରେ ବି ଓଡ଼ିଶାକୁ କରାଯାଇଛି ଅବହେଳ । ଯେତେ ଦରକାର ତାଠୁ ବହୁତ କମ୍ ପକ୍କା ଘର ଦିଆଯାଇଛି ।ଅନ୍ୟପକ୍ଷେ ସୁଭଦ୍ରା ଯୋଜନା ନେଇ ରାଜ୍ୟ ସରକାରଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି ସ୍ନେହାଙ୍ଗିନୀ ଛୁରିଆ । ସେ ଅଭିଯୋଗ କରିଛନ୍ତି, ସବୁ ମହିଳାଙ୍କୁ ଦେବ ବୋଲି କହିଥିଲା ବିଜେପି । ରାଜ୍ୟରେ ପ୍ରାୟ ୨ କୋଟିରୁ ଅଧିକ ମହିଳା ଅଛନ୍ତି । କିନ୍ତୁ ୧ କୋଟି ମହିଳାଙ୍କୁ ଦେବ । ଏହି ପ୍ରତାରଣା କାହିଁକି ବୋଲି ସେ ବିଜେପିକୁ ପ୍ରଶ୍ନ କରିଛନ୍ତି । ତା'ଛଡ଼ା ଆଜି ଦେଲ ୫ ହଜାର, କିନ୍ତୁ ୫୦ ହଜାର କାହିଁକି ଲେଖିଛ ବୋଲି ପ୍ରଶ୍ନ କରିଛନ୍ତି ସ୍ନେହାଙ୍ଗିନୀ ।ଆଗକୁ ସ୍ନେହାଙ୍ଗିନୀ କହିଛନ୍ତି, ସୁଭଦ୍ରା ଗାଇଡ୍ ଲାଇନ ବିଷୟରେ ମନ୍ତ୍ରୀଙ୍କୁ ବି ଜାଣିନାହାନ୍ତି । ଅଙ୍ଗନୱାଡ଼ି, ସିଆରପିଙ୍କୁ ଭୁଆଁ ବୁଲାଯାଉଛି । କେବଳ ସଭାକୁ ମହିଳା ବୋହି ଆଣିବାକୁ ସେମାନଙ୍କୁ ବ୍ୟବହାର କରାଯାଉଛି । ଦିନକୁ ମିଳୁଥିବା ୨୭ ଟଙ୍କାରେ ମହିଳାମାନେ କେଉଁ ଉଦ୍‌ଯୋଗ କରିବେ ବୋଲି ପ୍ରଶ୍ନ କରିଛନ୍ତି ସ୍ନେହାଙ୍ଗିନୀ ।

## ରାଜନୀତିରେ ମହିଳା ସଶକ୍ତିକରଣ: ସୁଭଦ୍ରା ଯୋଜନାର ଲକ୍ଷ୍ୟକୁ ନେଇ ଉଠିଲା ପ୍ରଶ୍ନ

ଭୁବନେଶ୍ୱର,୧୭।୯(ପି.ଏନ): ନୂଆ ସରକାର ସୁଭଦ୍ରା ଯୋଜନା ଆରମ୍ଭ କରିବା ପରେ ମହିଳା ସଶକ୍ତିକରଣ ନେଇ ଆରମ୍ଭ ହୋଇଛି ବିତର୍କ । ବିଜେଡି ସରକାର ସମୟରେ ମିଶନ ଶକ୍ତି ଜରିଆରେ ଏସଏଚଜିକୁ ଏସଏମଇରେ ପରିଣତ କରାଯାଇଥିଲା । ମହିଳାମାନେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବା ସହ ସଶକ୍ତ ହୋଇଥିଲେ । ବିଜେପି ସରକାର ଦିନକୁ ମାତ୍ର ୨୭ ଟଙ୍କା ଦେଇ କିପରି ମହିଳା ଉଦ୍‌ଯୋଗୀ ସୃଷ୍ଟି କରିବ ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିଜେଡି ଓ କଂଗ୍ରେସ । ମହିଳାଙ୍କୁ ସଶକ୍ତ କରିବାକୁ ବିଜେପି ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାକୁ ଦାବି କରିଛନ୍ତି ବିରୋଧୀ ।ରାଜନୀତିରେ ମହିଳା ସଶକ୍ତିକରଣ । ସୁଭଦ୍ରା ଯୋଜନାର ଲକ୍ଷ୍ୟକୁ ନେଇ ଉଠିଲା ପ୍ରଶ୍ନ । ବିଜେଡି କହିଲା ଏସଏଚଜିକୁ ଏସଏମଇରେ ପରିଣତ କରିଥିଲୁ । ୨୭ ଟଙ୍କାରେ କେମିତି ସୃଷ୍ଟି ହେବେ ମହିଳା ଉଦ୍‌ଯୋଗୀ କଂଗ୍ରେସର ଦାବି ସୁଭଦ୍ରା ପାଇଁ ଜାରି କର ଶ୍ୱେତପତ୍ର ।ମହିଳା ଆଗକୁ ବଢିଲେ, ସମାଜ ଆଗକୁ ବଢିବ । ବିଜେଡି ସବୁବେଳେ ମହିଳା ସଶକ୍ତିକରଣକୁ ଫୋକସ କରି କାମ କରିଥିଲା । ୨୦୦୧ ମସିହାରୁ ମିଶନ ଶକ୍ତି ଜରିଆରେ ୭୦ ଲକ୍ଷ ମହିଳାଙ୍କୁ ଆର୍ଥିକ ଓ ସାମାଜିକ ସ୍ତରରେ ସ୍ୱାବଲମ୍ବୀ କରିପାରିଥିଲା । ଲକ୍ଷ୍ୟ ଥିଲା ମହିଳା ସଶକ୍ତ ହେବ ଓ ଦକ୍ଷ ହେବେ । କେବଳ ସାମାଜିକ ଓ ଆର୍ଥିକ ସ୍ତରରେ ସଶକ୍ତ ନୁହେଁ, ରାଜନେ?ତିକ ସ୍ତରରେ ମହିଳା ନେତୃତ୍ୱକୁ ଫୋକସ କରିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ପେ?ର ଓ ପଞ୍ଚାୟତରେ ୫୦ ପ୍ରତିଶତ ମହିଳା ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ସହ ଲୋକସଭା ଓ ବିଧାନସଭା ୩୩ ପ୍ରତିଶତ ମହିଳା ସଂରକ୍ଷଣ ପାଇଁ ସଂଗ୍ରାମ ଜାରି ରଖିଥିଲେ । ସେହି ତୁଳନାରେ ବିଜେପିର ମହିଳା ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିଜେଡି ସାଂସଦ ସୁଲତା ଦେଓ । ୨ ବର୍ଷରେ ମହିଳାଙ୍କୁ ୫୦ ହଜାର ଟଙ୍କା ଭାଉଚର ଦେବାକୁ ବିଜେପି ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା । ଏବେ ବର୍ଷକୁ ଦୁଇଟି କିସ୍ତିରେ ୧୦ ହଜାର ଓ ୫ ବର୍ଷରେ ୫୦ ହଜାର ଟଙ୍କା ଦେବାକୁ କହିଛି । ସୁଭଦ୍ରା ଯୋଜନାରେ ଦିନକୁ ମହିଳାମାନେ ମାତ୍ର ୨୭ ଟଙ୍କା ପାଇବେ । ୨୭ ଟଙ୍କାରେ ମହିଳାମାନେ କିପରି ଉଦ୍‌ଯୋଗୀ ହେବେ ସେ ନେଇ ସରକାର ଶ୍ୱେତପତ୍ର ଜରିଆରେ ରାଜ୍ୟବାସୀଙ୍କୁ ଜଣାନ୍ତୁ ବୋଲି ବିଜେଡି ଦାବି କରିଛି ।ଅନ୍ୟପଟେ କଂଗ୍ରେସ କହିଛି ସୁଭଦ୍ରା ଯୋଜନାରେ ବିଜେପି ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରୁ । ସମସ୍ତ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବାକୁ ଦଳ ଦାବି କରିଛି । ସାଧାରଣ ମହିଳାମାନେ ମଧ୍ୟ ସୁଭଦ୍ରା ଯୋଜନାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ୧୮ ବର୍ଷରୁ ଭୋଟ ନେଇ ୧୮ରୁ ୨୧ ବର୍ଷ ମହିଳାଙ୍କୁ କାହିଁକି ସୁଭଦ୍ରା ଯୋଜନାର ବଞ୍ଚିତ କରାଗଲା ବୋଲି ପ୍ରଥମ ଥର ଭୋଟରମାନେ ପ୍ରଶ୍ନ ଉଠାଇଛନ୍ତି । ନିର୍ବାଚନରେ ପ୍ରତିଶ୍ରୁତି ଦେଇ ବିଜେପି ତାହାକୁ ପାଳନ କରିନାହିଁ ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି । ନବୀନ ମହିଳା ସଶକ୍ତିକରଣ ନେଇ ଯେଉଁ ପଦକ୍ଷେପ ନେଇଥିଲେ ତାହାକୁ ଆଜି ବି ଝୁରୁଛନ୍ତି ମହିଳା ।ମାଆମାନଙ୍କ ପାଇଁ କାହାର କେତେ ଦରଦ ତାହାକୁ ନେଇ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି । ମହିଳା ସଶକ୍ତିକରଣରେ ନବୀନ ନୂଆ ପରିଚୟ ସୃଷ୍ଟି କରିଥିଲେ । ବିଜେପି କିନ୍ତୁ ନିର୍ବାଚନରେ ଗୋଟେ କଥା, ଆଉ ନିର୍ବାଚନ ବିଜୟ ପରେ କାର୍ଯ୍ୟକାରିତାରେ ଭିନ୍ନ ଆଭିମୁଖ୍ୟ । ଯାହାକୁ ନେଇ ଉଠିଛି ପ୍ରଶ୍ନ, ବଢୁଛି ଅସନ୍ତୋଷ ।

## ତେଲରେ ଆମଦାନୀ ଶୁଳ୍କ ଲଗାଇ ଲୋକଙ୍କୁ ଲୁଟୁଛି କେନ୍ଦ୍ର, ଜେଡିବାରେ ଲାଗିଛି ଅସନ୍ତୋଷ

ଭୁବନେଶ୍ୱର,୧୭।୯(ପି.ଏନ): ତେଲ ଦରରେ ଲାଗିଛି ନିଆଁ । କେନ୍ଦ୍ର ସରକାର ଆମଦାନୀ ଶୁଳ୍କ ଲଗାଇଥିବାରୁ ତେଲ ଲିଟର ପିଛା ଏକାଥରେ ବଢ଼ିଛି ୨୦ ଟଙ୍କା । କେନ୍ଦ୍ର ସରକାରଙ୍କ ଏପରି ଜନ ବିରୋଧୀ ଆଭିମୁଖ୍ୟକୁ ନେଇ ବର୍ଷିଛନ୍ତି ବିରୋଧୀ । ତୁରନ୍ତ ଦରଦାମ ନିୟନ୍ତ୍ରଣ କରିବାକୁ ବିଜେଡ଼ି ଦାବି ବକରିଛି । ଖାଇବା ତେଲ ଦର ବୃଦ୍ଧି ନେଇ କଂଗ୍ରେସ କେନ୍ଦ୍ରକୁ ଟାର୍ଗେଟ କରିଛି । ଯାହାକୁ ନେଇ ଉଷ୍ମ ହୋଇଛି ରାଜ୍ୟ ରାଜନୀତି ।ଡାଲି, ପିଆଜ, ରସୁଣ ପରେ ଖାଇବା ତେଲ ମହଙ୍ଗା । ଲିଟର ପିଛା ଏକାଥରକେ ୨୦ ଟଙ୍କା ବୃଦ୍ଧି । ହାଣ୍ଡିଶାଳରେ ଚଡ଼କ, ଚିନ୍ତାରେ ଖାଉଟି । କେନ୍ଦ୍ର ସରକାର ଆମଦାନୀ ଶୁଳ୍କ ବଢାଇ ଗ୍ରାହକଙ୍କ ମୁଣ୍ଡରେ ବୋଝ ଲଦି ଦେଇଛନ୍ତି । ପାମୋଲିନ, ସୂର୍ଯ୍ୟମୁଖୀ ଓ ସୋୟାବିନ ତେଲ ଦର ଆକାଶ ଛୁଆଁ ହୋଇଛି । ହଠାତ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ଅହେତୁକ ଭାବେ ବୃଦ୍ଧି ପାଇବାରୁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିରୋଧୀ । ବଡ଼ ବଡ଼ କମ୍ପାନୀ ପାଇଁ କେନ୍ଦ୍ରର ବିଜେପି ସରକାର ଗରିବଙ୍କ ପକେଟ ଖାଲି କରୁଛି ବୋଲି ବିଜେଡ଼ି ଅଭିଯୋଗ କରିଛି । କେନ୍ଦ୍ର ସରକାର ତୁରନ୍ତ ଗରିବ ମାରଣ ନୀତି ବନ୍ଦ କରି ଦରଦାମ ନିୟନ୍ତ୍ରଣ କରନ୍ତୁ ବୋଲି ବିଜେଡ଼ି ଦାବି କରିଛି । ଆମଦାନୀ ଶୁଳ୍କ ବୃଦ୍ଧି ପରେ ବଜାରରେ ବିଭିନ୍ନ ତେଲ ଦର ବଢିଛି । ସୋରିଷ ତେଲ ଲିଟର ୧୪୦ ଟଙ୍କାରୁ ୧୬୦ ଟଙ୍କା, ରିଫାଇନ ତେଲ ଲିଟର ପିଛା ୧୩୦ ଟଙ୍କା ହୋଇଛି । କର୍ପ?।ରେଟ ଜଗତ ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶ ଛୁଆଁ ହୋଇଛି । କେନ୍ଦ୍ର ସରକାର ଦରଦାମ ନିୟନ୍ତ୍ରଣ କରିବାରେ ସଫଳ ହୋଇପାରି ନଥିବାରୁ ବଜାର ଦର ନିୟନ୍ତ୍ରଣ ବାହାରକୁ ଯାଇଛି ବୋଲି ବ୍ୟବସାୟୀ ସଂଘ ସଭାପତି ସୁଧାକର ପଣ୍ଡା କହିଛନ୍ତି । ଦରଦାମ ନିୟନ୍ତ୍ରଣ ନକଲେ ପରିସ୍ଥିତି ବିଗିଡ଼ିଯିବ ବୋଲି ରାଜନୈତିକ ସମୀକ୍ଷକ କହିଛନ୍ତି ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ତେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୪, ସେପ୍ଟେମ୍ବର ୧୮

# ଶାନ୍ତିର ତିନୋଟି ସୋପାନ

ଆଜି ବିଶ୍ୱ ଶାନ୍ତି ଦିବସ। ଜାତିସଂଘର ଅନୁମୋଦନ କ୍ରମେ ୧୯୮୨ରୁ ପ୍ରତିବର୍ଷ ସେପ୍ଟେମ୍ବର ୨୧ରେ ପାଳିତ ହେଉଛି ଅନ୍ତର୍ଜାତୀୟ ଶାନ୍ତି ଦିବସ। ଏହାକୁ ବିଶ୍ୱ ଶାନ୍ତି ଦିବସ ମଧ୍ୟ କୁହାଯାଏ। ବିଶ୍ୱ ଶାନ୍ତି ପାଇଁ ଦିନଟି ଉତ୍ସର୍ଗୀକୃତ। ଏହି ଦିନରେ ନିଉୟର୍କସ୍ଥିତ ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟରେ ଶାନ୍ତି ଘଣ୍ଟି ବଜାଯାଏ। ସଂଘର୍ଷର ଅନୁପସ୍ଥିତି ଶାନ୍ତି ନୁହେଁ, ବାସ୍ତବ ଶାନ୍ତି ହେଉଛି ସୁଖ ଓ ସମୃଦ୍ଧିର ସକରାତ୍ମକ ଅବସ୍ଥା। ବିଶ୍ୱ ଶାନ୍ତି କ୍ଷେତ୍ରରେ ବିଶେଷ ଅବଦାନ ଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କର ଜୀବନବ୍ୟାପୀ ତ୍ୟାଗ ଓ ସାଧନର ସ୍ୱୀକୃତି ସ୍ୱରୂପ ମିଳିଥାଏ ନୋବେଲ ଶାନ୍ତି ପୁରସ୍କାର। ଶାନ୍ତି ଏକ ଅମୂଲ୍ୟ ସଂପଦ ହୋଇଥିଲେ ହେଁ ଯୁଗ ଯୁଗ ଧରି ମାନବ ସମାଜ ହିଂସାର ଶିକାର। ସଭ୍ୟତାର ଅଗ୍ରଗତି ସହ ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ହୋଇପାରିଛି। ହେଲେ, ମଣିଷ ନିଜର ଏହି ଆଦିମ ପ୍ରବୃତ୍ତି ହିଂସା ପରିତ୍ୟାଗ କରିପାରିନାହିଁ। ହିଂସା, ଆତଙ୍କ ଓ ଯୁଦ୍ଧର ଦୁଃସ୍ୱପ୍ନ ମଧ୍ୟରେ ମଣିଷ ବଞ୍ଚୁଛି ଏବଂ ଭୋଗୁଛି। ଶାନ୍ତି ସହାବସ୍ଥାନରେ ହିଁ ସମଗ୍ର ବିଶ୍ୱର ମଙ୍ଗଳ। ଏ ବାବଦରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଲକ୍ଷ୍ୟ। ଆମେ ଆଶାକରେ ଦୁନିଆରେ ଶାନ୍ତି ରହୁ । ମାତ୍ର ଏହି ଶାନ୍ତି କେଉଁଠୁ ଆସିବ ସେ ବିଷୟରେ କେବେ ଚିନ୍ତା କରେନି । ଆମେ ଭାବୁ ଦୁନିଆରେ ମନକୁ ମନ ଶାନ୍ତି ଆସିଯିବ । କିନ୍ତୁ ପ୍ରକୃତ କଥା ହେଉଛି ଶାନ୍ତି ଆମ ଭିତରୁ ସୃଷ୍ଟି ହୋଇ ବାହାରକୁ ଖେଳିଯିବା ଦରକାର । ଆମ ସମସ୍ତଙ୍କ ଜୀବନ ଅନେକ ପ୍ରକାରେ ଖଣ୍ଡବିଖଣ୍ଡିତ ହୋଇଛି । ଆମେ ଏମିତି ଜୀବନ କାଟୁଛେ ଯେଉଁଥିରେ ବ୍ୟକ୍ତି ଅନେକ ଭାଗରେ ବାଣ୍ଟି ହୋଇଯାଉଛି । ଆମ ପାଖରେ ଏକ ଭୌତିକ ଶରୀର ଅଛି, ମନ ଓ ବୁଦ୍ଧି ଅଛି, ଭାବନା ଅଛି ଏବଂ ଆମର ଏକ ଆଧ୍ୟାତ୍ମିକ ପକ୍ଷ ମଧ୍ୟ ଅଛି । ଆମ ଶାରୀରିକ ସମସ୍ୟା ହୋଇପାରେ, ଜୀବନରେ କିଛି ମାନସିକ ସମସ୍ୟା ଆସିପାରେ, ଆମେ ଭାବନାତ୍ମକ ଭାବରେ ଦୁଃଖି ହୋଇପାରେ ।

ଶାନ୍ତିର ପ୍ରଥମ ସୋପାନ ଅହିଂସା । ଏଥିପାଇଁ ସବୁଠାରୁ ପ୍ରଥମେ ଶବ୍ଦରେ ଅହିଂସା ଆଚରଣ କରିବାକୁ ହେବ । ଲକ୍ଷ୍ୟ ରଖିବାକୁ ହେବ ଯେପରି ଆମ ଓଠରୁ ଏମିତି ଶବ୍ଦ ବାହାରି ନଯାଉ ଯାହା ଅନ୍ୟକୁ କଷ୍ଟ ଦେବ । ଯଦି ସମ୍ଭବ ଆମର କଥା ଏମିତି ହେବା ଦରକାର ଯାହା ଦୁଃଖୀ ହୃଦୟ ପାଇଁ ମଲମ ହେବ । ଯଦି ହୃଦୟରେ କେହି ଦୁଃଖର ବୋଝ ନେଇ ଆମ ପାଖକୁ ଆସିଛି, ସେ ଆମ ପାଖରୁ ଯିବାବେଳେ ତା' ହୃଦୟର ଦୁଃଖ ହାଲ୍‌କା ହୋଇଯାଇଥିବା ଆବଶ୍ୟକ । ତା'ର ହୃଦୟକୁ ଶାନ୍ତି ମିଳିବା ଉଚିତ । ଏଥିସହ ମନରୁ ଚିନ୍ତା ଓ ଡ଼ର ମଧ୍ୟ ଚାଲିଯିବା ଦରକାର । ଶାନ୍ତିର ଦ୍ୱିତୀୟ ସୋପାନ ପ୍ରେମ । ଆମ ଭିତରେ ଏମିତି ପ୍ରେମଭାବ ରହିବା ଆବଶ୍ୟକ ଯାହା ସବୁ ସୀମାର ବନ୍ଧନରୁ ମୁକ୍ତ ହୋଇଥିବ । ଆମ ପାଖକୁ ଯିଏ ବି ଆସୁ, ସେ ଯେଉଁ ଧର୍ମର, ଯେଉଁ ଲିଙ୍ଗର, ଯେଉଁ ଦେଶର ହୋଇଥାଉ ନା କାହିଁକି, ଆମେ ତାକୁ ପ୍ରେମର ବନ୍ଧନରେ ବାନ୍ଧିନେବା ଆବଶ୍ୟକ । ବାହ୍ୟ ସୌନ୍ଦର୍ଯ୍ୟରେ ବିମୋହିତ ହୋଇଯିବା ଅପେକ୍ଷା ଆମେ ସମସ୍ତଙ୍କ ହୃଦୟର ସୌନ୍ଦର୍ଯ୍ୟକୁ ବୁଝିପାରିବା ଆବଶ୍ୟକ । ଆମ ଦୁଆରକୁ ଯିଏ ବି ଆସୁ, ସେ ପ୍ରେମର ଅନନ୍ୟ ଅନୁଭବ ନେଇ ଫେରୁ, ଯାହା କି ସେ ଅନ୍ୟ କେଉଁଠାରେ ମଧ୍ୟ ପାଇ ନଥିବ । ଏହାପରେ ଆମ ଠାରୁ ଅନ୍ୟଜଣେ ଯାହା ବି ପାଇବ ତାହା ଅଶାନ୍ତିର କାରଣ ହେବନି ।



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଶାନ୍ତି ମିଳିବାର ତୃତୀୟ ସୋପାନ ସତ୍ୟ । ଆମେ ସବୁବେଳେ ନିଜ ପ୍ରତି ସ୍ୱଚ୍ଛ ରହିବା, ଜୀବନର ପ୍ରତି ମୋଡ଼ରେ ସତ୍ କହିବା ଓ ସତ୍ ଜୀବନ ଜିଇବା । ଆମେ କାହାକୁ ଧୋକା ଦେବାନି କିମ୍ବା କାହାପ୍ରତି କପଟ ଆଚରଣ କରିବା ନାହିଁ । ଆଖପାଖର ସମସ୍ତେ ଅସ୍ୱଚ୍ଛ ହୋଇଗଲେ ବି ଆମେ ଆଦର୍ଶରୁ ବିଚ୍ୟୁତ ହେବାନାହିଁ । ଆମେ ଆମର ସମ୍ବନ୍ଧ ପ୍ରତି ନିଷ୍ଠାବାନ ଓ ସଚ୍ଚୋଟ ରହିବା । ଯାହାକୁ ଆମେ ଭଲପାଏ ତାକୁ ମିଛ କହିଲେ ସେ ଜାଣିପାରେ ଓ କଷ୍ଟପାଏ ସେଥିରେ । ଏହାଦ୍ୱାରା ଆମର ସମ୍ପର୍କ ଓ ଚରିତ୍ର ଉଭୟ ନଷ୍ଟ ହୁଏ । ତେଣୁ ଯେଉଁ ବିଚାର ହୃଦୟରେ ଅଛି ତାହା ବାକ୍ୟ ଓ କର୍ମରେ ପ୍ରକାଶିତ ହେବା ଉଚିତ୍ ।

ଆମେ ଅଳ୍ପ କିଛି ସମୟ ପାଇଁ ଅନ୍ୟକୁ ଧୋକା ଦେଇପାରିବା, ମାତ୍ର ଈଶ୍ୱରଙ୍କ ଦୃଷ୍ଟିକୁ ଧୋକା ଦେଇପାରିବା ନାହିଁ । ସବୁବେଳେ ସତ୍ୟର ହିଁ ବିଜୟ ହୁଏ । ଶାନ୍ତିର ମୂଳଦୁଆ ନମ୍ରତା । ନମ୍ରତାର ଅର୍ଥ ଆମ ମନରେ ଏହି ବିଚାର ଆସିବ – ଆମେ ସମସ୍ତେ ଗୋଟିଏ ସୃଷ୍ଟିର ଅଂଶ । କେବଳ ଈଶ୍ୱର ହିଁ ମହାନ । ଈଶ୍ୱରଙ୍କ ଆଗରେ ଆମେ ସାମାନ୍ୟ ବାଳକ । ତାଙ୍କ ବିନା ଆମର ଅସ୍ତିତ୍ୱ ନାହିଁ । ନମ୍ରତା ଦ୍ୱାରା ଅନ୍ୟର ବିଶେଷତ୍ୱର ସମ୍ମାନ କରିବା ଶିଖନ୍ତୁ ଏବଂ ନିଜ ପାଖରେ ଥିବା ଗୁଣ ନିମନ୍ତେ ଈଶ୍ୱରଙ୍କ ଠାରେ କୃତଜ୍ଞ ରୁହନ୍ତୁ । ନମ୍ରତାରେ ଆମେ ସେହି ଘୃଣା ଓ କଠୋରତାକୁ ଶେଷ କରିପାରିବା ଯାହାକି ଆଜି ବିଭିନ୍ନ ଧର୍ମ, ଜାତି, ଭାଷା ଓ ସମ୍ପ୍ରଦାୟ ମଧ୍ୟରେ ଖେଳିଯାଇଛି । ନମ୍ରତା ଆମ ସମସ୍ତଙ୍କୁ ଏକ କରିପାରିବ, ହିଂସା ଓ ଯୁଦ୍ଧକୁ ଶେଷ କରିପାରିବ । ଯେତେବେଳେ ଆମେ ଆମର ଆତ୍ମା ସହ ସଂଯୁକ୍ତ ହୁଏ, ସେତେବେଳେ ଈଶ୍ୱରଙ୍କ ସହ ମଧ୍ୟ ସଂଯୁକ୍ତ ହୁଏ । ଈଶ୍ୱରଙ୍କ ପାଖରେ ସବୁକିଛି ଅଛି ଏବଂ ସବୁକିଛି ପ୍ରଭୁଙ୍କର । ଏହି ଭାବନା ଆମ ମନରେ ଶାନ୍ତି ଦିଏ । ଯେତେବେଳେ ଆମେ ନିଜ ଆତ୍ମା ସହ ସଂଯୁକ୍ତ ହୁଏ ସେତେବେଳେ ପ୍ରେମ, ଶାନ୍ତି, ଆନନ୍ଦ ଓ ସନ୍ତୋଷ ନିଜ ଭିତରେ ପାଏ । ତେଣୁ ଆମର ସମସ୍ତେ ନିଜକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ, ଏହାଦ୍ୱାରା ଆମେ ସାରା ଦୁନିଆକୁ ସମ୍ପୂର୍ଣ୍ଣ କରିପାରିବା । ସବୁଠାରୁ ବଡ଼ କଥା ଏହାଦ୍ୱାରା ଆମେ ଦୁନିଆକୁ ସୁସ୍ଥ ଓ ଶାନ୍ତିମୟ କରିପାରିବା ।

*ପ୍ରଫେସର, ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,*
*କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ବାମନ ବେଶରେ କଳାଠାକୁର

ବାମନ ବେଶ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ଶ୍ରୀମନ୍ଦିରରେ ପାଳନ କରାଯାଏ। ପୌରାଣିକ ଉପାଖ୍ୟାନ ଅନୁସାରେ ଏହିଦିନ ଏକ ଶୁଭ ମୁହୂର୍ତ୍ତରେ ଭଗବାନ ବିଷ୍ଣୁ ନିଜ ପଞ୍ଚମ ଅବତାରରେ ଏକ ଦିବ୍ୟ, ଜ୍ୟୋତିର୍ମୟ ବାମନ ବାଳକ ରୂପରେ ଧରିତ୍ରୀରେ ଅବତରଣ କରିଥିଲେ। ନୃସିଂହ ଜନ୍ମ ଓ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପରି ଶ୍ରୀମନ୍ଦିରରେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ବାମନ ଜନ୍ମ ପାଳିତ ହେବା ସଙ୍ଗେ ସଙ୍ଗେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଏକ ବାମନରୂପ ବାଳକ ବେଶରେ ସଜ୍ଜିତ କରାଯାଇଥାଏ। ଶ୍ରୀମନ୍ଦିରରେ ବାମନଙ୍କ ଜନ୍ମୋତ୍ସବ ନୀତି ଓ ଦ୍ୱିପହର ଧୂପ ଶେଷ ହେବା ପରେ ଜଗନ୍ନାଥ ମହାପ୍ରଭୁ ବାମନ ବେଶ ଧାରଣ କରନ୍ତି। ଏଥିରେ ସୁଭଦ୍ରା ସାଧାରଣ ବେଶ ଓ ବଳଭଦ୍ର ରାଜ ବେଶରେ ଦୃଶ୍ୟମାନ ହେବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ରୀପୟର ଓ କିରୀଟରେ ଆଭୂଷିତ ହୋଇଥାନ୍ତି। ଶ୍ରୀଜଗନ୍ନାଥଙ୍କ ଶ୍ରୀଭୁଜର ବାମ ହସ୍ତରେ ଛତା ଓ ଡାହାଣ ହସ୍ତରେ କୁଶବଟୁ ଗଡୁ ଧରାଯାଇ ଏକ ବାମନରୂପୀ ନୈଷ୍ଟିକ ବ୍ରାହ୍ମଣ ବେଶରେ ଭୂଷିତ କରାଯାଏ। ପୁଷ୍ପାଳକ ସେବକମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଏପରି ବେଶ କରିଥାନ୍ତି, ଜଣାଯାଏ ସତେ ଯେପରି ଜଗନ୍ନାଥ ମହାପ୍ରଭୁ ସ୍ୱୟଂ ଏକ ବାମନ ବା କ୍ଷୁଦ୍ରକାୟ ବିପ୍ର। ଶ୍ରୀଜଗନ୍ନାଥ ବାମନ ଭାବେ ପରିଚିତ। ଜଗନ୍ନାଥଙ୍କର ହସ୍ତପଦ ବିହୀନ ଅବୟବକୁ ଦର୍ଶନ କଲେ ସେ ସ୍ୱତଃ ବାମନ ଭଳି ଦେଖାଯାନ୍ତି। ବାମନ ବେଶରେ ଠାକୁରଙ୍କ ଲାଗି କରାଯାଉଥିବା ସ୍ୱର୍ଣ୍ଣ ଅଳଙ୍କାର ଇତ୍ୟାଦି ବେଶ ଦିବସ ପୂର୍ବରୁ ରତ୍ନଭଣ୍ଡାରରୁ ବାହାର କରାଯାଇ ଭଣ୍ଡାର ମେକାପ ସେବକଙ୍କ ତତ୍ତ୍ୱାବଧାନରେ ରହିଥାଏ।



ବିପିନ ବିହାରୀ ରାଉତ

*ଶ୍ରୀବିହାର କଲୋନୀ, କଟକ,*
*ଦୂରଭାଷ : ୯୪୩୭୬୬୬୪୫୩*

# କୀଟ କାମୁଡ଼ା ରୋଗ : ସ୍କ୍ରବ ଟାଇଫସ

ମୌସୁମୀ ଲଗାଣ ବର୍ଷା ଭିତରେ ମ୍ୟାଲେରିଆ ଓ ଡେ଼ଙ୍ଗୁ ପରେ ରାଜ୍ୟରେ ସ୍କ୍ରବ ଟାଇଫସରେ ରାଜ୍ୟରେ ଚିନ୍ତା ବଢ଼ାଇ ଦେଇଛି। ଠିକ୍ ଗତ ବର୍ଷ ଏହିପରି ମୌସୁମୀ ଋତୁରେ ହିଁ ଏହି ନୂଆ ରୋଗଟି ରାଜ୍ୟବାସୀଙ୍କୁ ଡରାଇଥିଲା। ଏଯାବତ ରାଜ୍ୟରେ ଜଗତସିଂହପୁର, ମୟୂରଭଞ୍ଜ, ବରଗଡ଼ ପରି ଜିଲ୍ଲାରେ ଆକ୍ରାନ୍ତମାନେ ଚିହ୍ନଟ ହେଲେଣି। ଗତ ବର୍ଷ ଏକ କେନ୍ଦ୍ରୀୟ ପରିଦର୍ଶନକାରୀ ଦଳ ଓଡ଼ିଶାର ତିନୋଟି ଜିଲ୍ଲାକୁ ଗସ୍ତ କରି ଏକ ପ୍ରାଥମିକ ରିପୋର୍ଟ ଦେଇଥିଲେ ସେଥିରେ ସେମାନେ ଏହି ସଂକ୍ରମଣର ବଡ଼ କାରଣ ଦର୍ଶାଇ ଉଲ୍ଲେଖ କରିଥିଲେ ଯେ ବାହାରେ ଖୋଲାମେଲାରେ ମଳମୂତ୍ର ତ୍ୟାଗ କରିବା, ଖାଲି ପାଦରେ ଯିବା ଆସିବା, ଘାସରେ ବସିବା ଓ ଶୋଇବା ହେଉଛି ମୂଳ କାରଣ। ସେହିପରି ମୌସୁମୀ ଋତୁ ଆସିବା ପୂର୍ବରୁ ଲୋକମାନଙ୍କ ଭିତରେ ବିଶେଷ ଭାବେ ଜନସଚେତନତା ବଢ଼ାଇବା ସହ ଅନେକ ଆକ୍ରାନ୍ତଙ୍କ ବିଳମ୍ବରେ ପରୀକ୍ଷା ଓ ଚିକିତ୍ସା ମଧ୍ୟ ଏହି ରୋଗର ସଙ୍ଗୀନ ସ୍ଥିତି ପାଇଁ ବଡ଼ କାରଣ ଭାବେ ଉଲ୍ଲେଖ କରି ଗୁରୁତର ମାନଙ୍କୁ ଆଇସିୟୁ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ପୂର୍ବରୁ ଓଡ଼ିଶାବାସୀ ସ୍କ୍ରବ ଟାଇଫସରେ ସମ୍ବନ୍ଧରେ ଏକ ପ୍ରକାର ଅଜଣା ରହିଥିଲେ ଲୋକମାନଙ୍କ ଭିତରେ ସେତେଟା ନା ଜଣାଶୁଣା ଥିଲା ନା ସଚେତନତା। ସାଧାରଣତଃ ଜୁଲାଇରୁ ନଭେମ୍ବର ମାସରେ ସ୍କ୍ରବ ଟାଇଫସ ସଂକ୍ରମଣ ଦେଖିବାକୁ ମିଳିଥାଏ। ସ୍ଥଳ ବିଶେଷରେ ଡିସେମ୍ବର ପର୍ଯ୍ୟନ୍ତ ମାଡ଼ିଥାଏ। ଚିଗର୍ସ ନାମକ ଏକ କୀଟ କାମୁଡ଼ିବା ଦ୍ୱାରା ଲୋକଙ୍କ ଶରୀରରେ ସଂକ୍ରମଣ ଆରମ୍ଭ ହୋଇଥାଏ। ସର୍ବସାଧାରଣ ପୋଖରୀ, ବିଲ ଜଙ୍ଗଲକୁ ଯାଉଥିବା ଲୋକ ଏଥିରେ ଆକ୍ରାନ୍ତ ହୋଇଥାନ୍ତି। ପୂର୍ବରୁ ଓଡ଼ିଶାରେ ସ୍କ୍ରବ ଟାଇଫସ ଦେଖିବାକୁ ମିଳୁ ନଥିବାବେଳେ ବିଗତ କିଛି ବର୍ଷ ହେବ ଏଥିରେ ବହୁ ସଂଖ୍ୟାରେ ଲୋକ ଆକ୍ରାନ୍ତ ହେଉଛନ୍ତି। ବୟସ୍କଙ୍କ ତୁଳନାରେ ଛୋଟ ପିଲା ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି। କେବଳ ଯେ ଗ୍ରାମାଞ୍ଚଳରେ ଏହି ସଂକ୍ରମଣ ହେଉଛି ତା ନୁହେଁ। ବରଂ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହାର ସଂକ୍ରମଣର ମାତ୍ରା ଦେଖାଦେଉଛି।

ସ୍କ୍ରବ ଟାଇଫସରେ ଆକ୍ରାନ୍ତତ ବ୍ୟକ୍ତିଙ୍କ ଶରୀରରେ ତୀବ୍ର ଜ୍ୱର ସାଙ୍ଗକୁ ତଳିପେଟରେ ଯନ୍ତ୍ରଣା, ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ଦେଖାଦେଇଥାଏ। ଯେଉଁ ସ୍ଥାନକୁ ଏହି କୀଟ କାମୁଡ଼ିଥାଏ ସେହି ସ୍ଥାନର ଚର୍ମ ମୃତ ହୋଇଯାଏ। ଯାହାକୁ ଏସ୍କର ଭାବେ ବିବେଚନା କରାଯାଉଛି। ଏଠାରେ ଉଲ୍ଲେଖ କରାଯାଇପାରେ ୨୦୨୨ ମସିହାରେ ଜର୍ଣ୍ଣାଲ ଅଫ ଆପ୍ଲାଏଡ୍ ବାୟୋଲୋଜି ଓ ବାୟୋଟେକନୋଲୋଜିରେ ଓଡ଼ିଶା ସମେତ ଦେଶରେ ହୋଇଥିବା ସ୍କ୍ରବ ଟାଇଫସ ସଂପର୍କିତ ଏକ ସନ୍ଦର୍ଭ ପ୍ରକାଶ ପାଇଥିଲା।

ଏଠାରେ ମନେପକେଇ ଦିଆଯାଇପାରେ ୨୦୧୪ ମସିହାରେ ହଠାତ୍ ରାଜ୍ୟରେ ବହୁ ସଂଖ୍ୟାରେ ସ୍କ୍ରବ ଟାଇଫସରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ଭୁବନେଶ୍ୱର ଅଞ୍ଚଳରୁ ୨୫ ଜଣ ଶିଶୁ କିମସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୨୦୧୧-୨୦୨୦ ମସିହା ମଧ୍ୟରେ ଓଡ଼ିଶାରେ କେବଳ ୭୯୮ ଜଣ ଆକ୍ରାନ୍ତ ବାହାରିଛନ୍ତି। ଦେଶରେ ସ୍କ୍ରବ ଟାଇଫସରେ ଭିନ୍ନ ଭିନ୍ନ ବର୍ଷରେ ହୋଇଥିବା ମୃତ୍ୟୁରେ ରାଜସ୍ଥାନ ଶୀର୍ଷରେ ରହୁଥିବା ବେଳେ ଓଡ଼ିଶା ଦ୍ୱିତୀୟ ଓ ତାମିଲନାଡୁ ରହିଛି। ମାତ୍ର ନିୟମିତଭାବେ ଉତ୍ତର-ପୂର୍ବ ଭାରତର ରାଜ୍ୟମାନେ ଆକ୍ରାନ୍ତଙ୍କ ସଂଖ୍ୟା ଓ ମୃତ୍ୟୁରେ ଶୀର୍ଷରେ ରହିଥିବା ଗବେଷକମାନେ ଦର୍ଶାଇଛନ୍ତି। ରାଜ୍ୟରେ ଏଯାବତ୍ ମାତ୍ର ତିନି ଜଣଙ୍କର ସ୍କ୍ରବ ଟାଇଫସରେ ଆକ୍ରାନ୍ତ ହୋଇଥିବା ନେଇ ଚିହ୍ନଟ କରାଯାଇଛି। ଗତ ବର୍ଷ ସ୍କ୍ରବ ଟାଇଫସରେ ଆକ୍ରାନ୍ତ କିଛି ବ୍ୟକ୍ତିଙ୍କ ପୁନର୍ବାର ନମୂନା ପରୀକ୍ଷା କରାଯିବା ପରେ ତାହା ନେଗେଟିଭ ରହିଥିଲା। ତେଣୁ ଯେଉଁ ବ୍ୟକ୍ତି ସ୍କ୍ରବ ଟାଇଫସରେ ଆକ୍ରାନ୍ତ ଜଣାପଡ଼ିବେ ତାଙ୍କର ପୁନର୍ବାର ନମୁନା ପରୀକ୍ଷା ପାଇଁ ପରାମର୍ଶ ଦିଆଯାଇଛି।



ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ତେବେ ସ୍କ୍ରବ ଟାଇଫସରେ ହୋଇଥିବା ମୃତ୍ୟୁ ପଛର ପ୍ରମୁଖ କାରଣ ରହିଛି ରୋଗକୁ ବିଳମ୍ବରେ ଚିହ୍ନଟ, ଭୁଲ ଡାଏଗ୍ନୋସିସ ଓ ଡ୍ରଗ ରେଜିଷ୍ଟାନସ୍। ଏହାସହ ଅନେକ ରୋଗୀଙ୍କ ଠାରେ ମୃତ ଚର୍ମ ବା ଏସ୍କର ଦେଖିବାକୁ ନ ମିଳିବା ମଧ୍ୟ ରୋଗର ବିଳମ୍ବିତ ଚିହ୍ନଟରର ଅନ୍ୟତମ କାରଣ। ଡକ୍ସିସାଇକ୍ଲିନ ଓ ଆଜିଥ୍ରୋମାଇସିନ ଦ୍ୱାରା ଏହା ଭଲ ହୋଇପାରିବ ବୋଲି ବିଶେଷଜ୍ଞମାନେ ମତ ରଖନ୍ତି। ଓଡ଼ିଶାରେ ସ୍କ୍ରବ ଟାଇଫସକୁ ନେଇ ବିଶେଷ ତଥ୍ୟ ନଥିବାରୁ ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ସେମାନେ ଉଲ୍ଲେଖ କରିଛନ୍ତି। ବାସ୍ତବ କଥା ହେଉଛି ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଏବଂ ଲୋକମାନେ ପ୍ରାୟତଃ କୃଷି କ୍ଷେତ୍ର ସହିତ ଖୋଲାମେଲା ସ୍ଥାନ ଓ ବୃକ୍ଷଲତା ଆଦି ରହିଥିବା କ୍ଷେତ୍ର ସହ ସଂସ୍ପର୍ଶରେ ଆସିବା ପରେ ସେମାନଙ୍କୁ ସଂକ୍ରମଣର ବଡ଼ ସମ୍ଭାବନା ରହିଥାଏ। ବିଶେଷକରି ବର୍ଷା ଦିନରେ ଅନେକ କୃଷି କାର୍ଯ୍ୟ ଜରୁରୀ ଭାବେ ରହିଥିବାରୁ କୌଣସି ପରିସ୍ଥିତିରେ କେବଳ କୀଟ କାମୁଡା ନୁହେଁ କୌଣସି ଗଛଲତାର ଆଘାତରେ ଆପଣଙ୍କର କୌଣସି ସ୍ଥାନ କ୍ଷତାକ୍ତ ହୋଇ ରକ୍ତ ବାହାରିଥିଲେ ଏହାକୁ ଅଣଦେଖା କରନ୍ତୁ ନାହିଁ, ତୁରନ୍ତ କ୍ଷତ ସ୍ଥାନର ଉପଷମ କରନ୍ତୁ। ବିଶେଷକରି କୃଷି କ୍ଷେତ୍ର ବା କୌଣସି ବଗିଚା ବାଡ଼ିରେ ଆପଣ ନିୟୋଜିତ ଥିଲେ ସେଠାରୁ ଫେରିବା ପରେ ବିଶୋଧିତ ଉଷୁମ ପାଣିରେ ସ୍ନାନ କରିବା ଭଲ। ସଂପ୍ରତି ଲଗାଣ ମୌସୁମୀ ବର୍ଷା ଦିନ ଥିବାରୁ ସର୍ବନିମ୍ନ ସଚେତନତା ବଢ଼ାଇବା ଉଚିତ। ବାହାରେ କାର୍ଯ୍ୟ କରୁଥିବା ସମୟରେ କୌଣସି ବଡ଼ ହେଉ ବା ଛୋଟ କୀଟପତଙ୍ଗର ଆଘାତ ପାଇବା ମାତ୍ରେ ସେ ସ୍ଥାନଟିକୁ ଭଲ ଭାବେ ପରିଷ୍କାର କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଦେହରେ ଉତ୍ତାପ ରହୁଥିଲେ ବା ଲଗାତର ଜ୍ୱର ରହୁଥିଲେ କୌଣସି ପରିସ୍ଥିତିରେ କୌଣସି ପୋକ ବା କୀଟ କାମୁଡୁଥିଲେ ତୁରନ୍ତ ଏହାର ଡାକ୍ତରୀ ପରାମର୍ଶ ଗ୍ରହଣ କରନ୍ତୁ। ତୁଟୁକା ତୁଟୁକି ବା ଗୁଣୀ ଗାରେଡ଼ି ବ୍ୟବସ୍ଥା ଆଦୌ ଗ୍ରହଣ କରନ୍ତୁନାହିଁ। ସର୍ବପ୍ରଥମେ ଆପଣଙ୍କ ଘରର ପରିବେଶ ଓ ଆପଣଙ୍କ ଘର ସଂଲଗ୍ନ ବାଡ଼ି ବା ବଗିଚାକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ସନ୍ଧ୍ୟା ସମୟରେ ଘରେ ଧୂଆଁ ଦେବାର ଅଭ୍ୟାସ ଭଲ। ଆପଣ ଶୋଉଥିବା କୋଠରୀ ଭିତରକୁ ଯେପରି ଉତ୍ତମ ସୂର୍ଯ୍ୟ କିରଣ ପଡ଼େ ଓ ପର୍ଯ୍ୟାପ୍ତ ଖୋଲା ପବନ ଆତଯାତ ହୁଏ ସେ ଦିଗଟିକୁ ଦେଖନ୍ତୁ। ପରିବାରର କୌଣସି ଜଣେ କିମ୍ବା କୌଣସି ସ୍କ୍ରବ ଟାଇଫସ ସଂକ୍ରମିତର ସଂସ୍ପର୍ଶରେ ଆସିବା ମାତ୍ରେ ନିଜେ ସତର୍କ ରୁହନ୍ତୁ ଓ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ସରକାରଙ୍କ କୌଣସି ତଥ୍ୟ ସଂଗ୍ରହକାରୀ ବା ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ ଆପଣଙ୍କ ଅଞ୍ଚଳକୁ ଯାଉଥିଲେ ସେମାନଙ୍କୁ ସମସ୍ତ ତଥ୍ୟ ପ୍ରକାଶ କରନ୍ତୁ। କୌଣସି ତଥ୍ୟ ଗୋପନୀୟ ରଖନ୍ତୁ ନାହିଁ। ବର୍ତ୍ତମାନ ବର୍ଷା ଦିନ ହୋଇଥିବାରୁ ବାହାରେ ତିନ୍ତିବା ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ସମସ୍ତ ଖାଦ୍ୟ ପଦାର୍ଥ ଗରମ ରହିବା ଭଲ। ଉଷୁମ ପାଣି ମଧ୍ୟ ସର୍ବୋତ୍ତମ। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଆପଣ ଚେଷ୍ଟିତ ହୁଅନ୍ତୁ। ସବୁଜ ପନିପରିବା, ସୁଷମ ଓ ନିରାମିଷ ଖାଦ୍ୟ ସବୁଠାରୁ ଭଲ। ସମସ୍ତ ପ୍ରକାର ମାଦକ ଦ୍ରବ୍ୟ ଓ ନିଶା ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ସ୍କ୍ରବ ଟାଇଫସକୁ ନେଇ ସେପରି ଆତଙ୍କିତ ବା ଭୟଭୀତ ହେବାର କୌଣସି କାରଣ ନାହିଁ। ସରକାରୀ ସ୍ୱାସ୍ଥ୍ୟ ଟିମର ସହାୟତା ନିଅନ୍ତୁ ଓ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରର ସହଯୋଗ ଆପଣଙ୍କ ପାଇଁ ଖୁବ ଭଲ।

*କନସଲଟାଣ୍ଟ ରେଡ଼ିଓଲୋଜିଷ୍ଟ,*
*ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ*
*ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୨୩୪୪୩*

# ବିଶ୍ୱକୁ ଭାରତର ଅବଦାନ

ଆମ ଭାରତ ହେଉଛି ଏକ ପବିତ୍ର ଦେବ ଭୂମି। ଏହି ପବିତ୍ର ଦେବଭୂମିରେ ଅସଂଖ୍ୟ ଜ୍ଞାନୀ, ଗୁଣୀ, ଋଷି, ଯୋଗୀ, ସନ୍ୟାସୀ ଓ ଧର୍ମପ୍ରାଣ ମହାପୁରୁଷ ମାନେ ଜନ୍ମ ଗ୍ରହଣ କରିଛନ୍ତି । ଭାରତ ହେଉଛି ସେହି ପୁଣ୍ୟ ଭୂମି ଯେଉଁଠାରେ ଶ୍ରୀ ଶଙ୍କର, ଶ୍ରୀରାମାନୁଜଙ୍କ ପରି ବହୁ ଆର୍ଯ୍ୟଗଣ ବା ଆଧ୍ୟାତ୍ମିକ ଗୁରୁଗଣ, କବୀର, ରାମଦାସ, ତୁକାରାମ, ଗୌରାଙ୍ଗ ମହାପ୍ରଭୁଙ୍କ ପରି ବହୁ ସନ୍ଥ, ଜ୍ଞାନଦେବ, ଦତ୍ତାତ୍ରୟ, ସଦାଶିବ ବ୍ରହ୍ମଙ୍କ ଭଳି ବହୁଯୋଗୀ, ବୁଦ୍ଧ ଓ ଗୁରୁନାନକଙ୍କ ଭଳି ବହୁ ମହାପୁରୁଷ ଜନ୍ମଗ୍ରହଣ କରିଛନ୍ତି । ଆମ ଭାରତ ତାର ଅମୃତର ସନ୍ତାନ ଗୁରୁଗୋବିନ୍ଦ ସିଂହ ଓ ଶିବାଜୀଙ୍କ ପାଇଁ ଗର୍ବିତ । ଭୋଜରାଜା ଓ ବିକ୍ରମାଦିତ୍ୟଙ୍କ ପାଇଁ ଗର୍ବିତ । ଏହା ସହିତ ଶଙ୍କର, କବୀର, କାଳିଦାସ ଓ ଆଦିକବି ବାଲ୍ମୀକୀଙ୍କ ପାଇଁ ଗର୍ବିତ। ମର୍ଯ୍ୟାଦା ପୁରୁଷୋତ୍ତମ ଓ ଲୀଳା ପୁରୁଷୋତ୍ତମ ରାମଚନ୍ଦ୍ର ଓ କୃଷ୍ଣଚନ୍ଦ୍ରଙ୍କ ପାଇଁ ଏ ଭାରତର ପବିତ୍ର ମାଟି ଦେବଭୂମିରେ ପରିଣତ। ଅଯୋଧ୍ୟା ଓ ବୃନ୍ଦାବନର ପବିତ୍ରମାଟି ଏବେବି ଅସଂଖ୍ୟ ବ୍ୟକ୍ତିଙ୍କର ହୃଦୟକୁ ପବିତ୍ର କରେ । ଏମାଟି ମଧ୍ୟ ମହମ୍ମଦ ଓ ଯୀଶୁଖ୍ରୀଷ୍ଟଙ୍କ ପାଇଁ ଗର୍ବିତ ଯେଉଁ ଯୀଶୁ ଅଦୃଶ୍ୟ ହେବା ସମୟରେ କାଶ୍ମୀରରେ ବାସ କରି ଭାରତୀୟ ଯୋଗୀମାନଙ୍କ ଠାରୁ ଯୋଗଶିକ୍ଷା କରିଥିଲେ । ଏହି ପବିତ୍ର ଭାରତ ଭୂମିରେ ଅନେକ ପୂଣ୍ୟତୋୟା ନଦୀ ଓ ଶକ୍ତିଶାଳୀ ଆଧ୍ୟାତ୍ମିକ ସ୍ପନ୍ଦନ ଅଛି। ଏ ଦେଶର ଭୂମି ବିଶେଷ ଭାବରେ ଐଶ୍ୱରିକ ସାଧନ ଓ ଯୋଗାଭ୍ୟାସ ପାଇଁ ଉପଯୋଗୀ। ଶୁଭ୍ର ହିମାଳୟ ସମଗ୍ର ପୃଥିବୀର ଜନତାଙ୍କୁ ଆକର୍ଷଣ କରିଥାଏ। ଭାରତ ଏକ ଆଧ୍ୟାତ୍ମିକ ଦେଶ। ହିନ୍ଦୁ ଜୀବନର ସକଳ ବିଭାଗକୁ ଧର୍ମ ପରିଚାଳନାକରେ। ବାସ୍ତବ ମୁକ୍ତିର ଉତ୍କର୍ଷ ସାଧନ କରିବାପାଇଁ ଧର୍ମ ତାକୁ ସବୁଠାରୁ ବେଶୀ ବୁଝିବାର ଶକ୍ତି ପ୍ରଦାନ କରିଥାଏ। ଏହି ଭାରତରେ ହିଁ କେବଳ ପ୍ରତ୍ୟେକ ବ୍ୟକ୍ତି ଦର୍ଶନ ବିଷୟରେ କିଛିନା କିଛି ଜାଣନ୍ତି। ଭାରତୀୟ ସଭ୍ୟତାର ଏକ ବିରାଟ ଇତିହାସ ଅଛି। ବିଶ୍ୱ ଇତିହାସକୁ ଏହା ପ୍ରତ୍ୟେକ କ୍ଷେତ୍ରରେ ପ୍ରଭାବିତ କରିଛି। ହିନ୍ଦୁମାନଙ୍କ ଧର୍ମ ଅନେକ ସହସ୍ର ସହସ୍ର ବର୍ଷ ପୁରାତନ। ପାଶ୍ଚାତ୍ୟବାସୀଙ୍କର ପୂର୍ବ ପୁରୁଷମାନେ ଯେତେବେଳେ ସମ୍ପୂର୍ଣ୍ଣ ଭାବରେ ଅସଭ୍ୟ ଆଦିମ ଥିଲେ। ସେତେବେଳେ ଭାରତର ସଭ୍ୟତା ଓ ସଂସ୍କୃତ ଉନ୍ନତ ଥିଲା। ପ୍ରାଚୀନକାଳରେ ହିନ୍ଦୁ ସଂସ୍କୃତ ଓ ହିନ୍ଦୁ ସଭ୍ୟତା ତାର ଶୀର୍ଷ ସ୍ଥାନରେ ଥିଲା। ଗ୍ରୀସ୍ ଓ ରୋମୀୟମାନେ ହିନ୍ଦୁମାନଙ୍କୁ ଅନୁକରଣ କରିବା ସହ ହିନ୍ଦୁ ଚିନ୍ତାଧାରାକୁ ଗ୍ରହଣ କରିଥିଲେ। ଧର୍ମ ଓ ସତ୍ୟକୁ କେନ୍ଦ୍ରକରି ଭାରତୀୟ ସଂସ୍କୃତ ଗଠିତ। ଭାରତ ହେଉଛି ଧର୍ମଭୂମି। ତାର ଶ୍ୱାସ ପ୍ରଶ୍ୱାସ ହେଉଛି ଧର୍ମ। ଧର୍ମ ଭାରତକୁ ରକ୍ଷା କଲାଭଳି ଭାରତ ଧର୍ମକୁ ରକ୍ଷାକରେ। ଇତିହାସ ପ୍ରାରମ୍ଭରୁ ହିଁ ଆତ୍ମସଂଯମ ଓ ଇନ୍ଦ୍ରିୟ ସକଳ ଉପରେ ପ୍ରଭୁତ୍ୱ। ଆଧ୍ୟାତ୍ମିକତା ଭାରତୀୟ ସଂସ୍କୃତିର ମୌଳିକ ନୀତି ତଥା ଚାବିକାଠି ରୂପେ ରହିଆସିଛି। ଭାରତର ଲକ୍ଷ ହେଉଛି ଜ୍ଞାନ ଓ ତ୍ୟାଗ ମାଧ୍ୟମରେ ଈଶ୍ୱରଙ୍କୁ ଅନୁଭବ କରିବା। ଭାରତ ହେଉଛି ଏଭଳି ଏକ ଉଦ୍ୟାନ, ଯାହା ମାନବ ଜାତିର ଏକତ୍ୱ ଏବଂ ବିଶ୍ୱଭ୍ରାତୃତ୍ୱ-ପରିଚୟର ବୀଜରୁ ସୃଷ୍ଟି। ସାଧୁତା, ପ୍ରେମ, ପୁଣ୍ୟ, ସଦ୍‌ଗୁଣ ଏବଂ ସହିଷ୍ଣୁତା ରୂପକ ପୁଷ୍ପ ଗୁଡ଼ିକର ସୁବାସରେ ସମୃଦ୍ଧ ଅଟେ। ମାନବ ଜାତିର ଏକତା ଓ ଧର୍ମର ବିଶ୍ୱବ୍ୟାପକତା ହେଉଛି ଭାରତୀୟ ପରମ୍ପରାରେ ବିଶେଷତା। ସହିଷ୍ଣୁ ଦେଶ ଭାବରେ ଭାରତ ମହାନ୍। ସେ ସକଳ ରାଷ୍ଟ୍ରକୁ ତାର ପ୍ରେମ ରଜ୍ଜୁରେ ବାନ୍ଧିରଖିବାକୁ ସତତ ଚେଷ୍ଟିତ। ପାଶ୍ଚାତ୍ୟ ସଂସ୍କୃତି ହେଉଛି କେବଳ ପାଶ୍ଚାତ୍ୟବାସୀଙ୍କର ଆତ୍ମୋନ୍ନତି ପାଇଁ; ମାତ୍ର ପ୍ରାଚ୍ୟ ସଂସ୍କୃତି ହେଉଛି ସମଗ୍ର ବିଶ୍ୱପାଇଁ, ପାଶ୍ଚାତ୍ୟ ସଂସ୍କୃତି ମନକୁ ବାହ୍ୟ ଆଡ଼କୁ ଟାଣିନେଇଥିବାବେଳେ ପ୍ରାଚ୍ୟ ସଂସ୍କୃତି ମନକୁ ଅଭ୍ୟନ୍ତରକୁ ଟାଣିଦେଇଥାଏ। ପାଶ୍ଚାତ୍ୟ ସଂସ୍କୃତି ଅହଙ୍କାର ବୃଦ୍ଧି କରୁଥିବାବେଳେ ପ୍ରାଚ୍ୟ ସଂସ୍କୃତି ଅହଙ୍କାର ନାଶକରେ ଓ ବିଶ୍ୱବ୍ୟାପକ ଆଡ଼କୁ ବାଟ କଢାଏ। ପାଶ୍ଚାତ୍ୟ ହେଉଛି ପସ୍ତୁବାଦୀ ପ୍ରାଚ୍ୟ ହେଉଛି ଆଧ୍ୟାତ୍ମବାଦୀ। ବସ୍ତୁର ଶକ୍ତିରୁ ବିଜ୍ଞାନର ଜନ୍ମ ଏବଂ ଆଧ୍ୟାତ୍ମିକ ଶକ୍ତିର ଯୋଗର ଜନ୍ମ। ମାନସିକ ଓ ଆଧ୍ୟାତ୍ମିକ ସଂସ୍କୃତି ରୂପରେ ଭାରତ ବିଶ୍ୱକୁ ବହୁତ କିଛି ଦେଇଛି। ପ୍ରାଚୀନ ଭାରତର ମୁନିଋଷିମାନେ ଆଧ୍ୟାତ୍ମିକ ଜ୍ଞାନର ଆନନ୍ଦ ଲାଭ କରି ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରିବା ସହ ନିଜର ଦିବ୍ୟ ଜ୍ଞାନରେ ବିଶ୍ୱକୁ ଆଲୋକିତ କରିଥିଲେ। ଭାରତର ମୁନିଋଷିମାନେ ଯେଉଁ ଆଧ୍ୟାତ୍ମିକ ଶାସ୍ତ୍ର ରଚନା କରି ଯାଇଛନ୍ତି, ତାହା ଯୁଗ ଯୁଗ ଧରି ଅସୀମ ପ୍ରଭାକୁ ଚିର ବଜାୟ ରଖିବ। ପ୍ରାଚୀନ ଭାରତର ସାଧକ ମାନଙ୍କର ଶିକ୍ଷାଦାନ ବାସ୍ତବରେ ଖୁବ୍ ସାର୍ବଜନୀନ। 'ଯୋଗ' ସାଧନା ସମଗ୍ର ବିଶ୍ୱର ଅନ୍ତର୍ଗତ। ସେଗୁଡ଼ିକ ମଧ୍ୟ ଅନ୍ତଃସ୍ଥଳ ପାଇଁ କର୍ମୋପଯୋଗୀ। ବିଶ୍ୱର ଯୁଦ୍ଧ ବିଭୀଷିକା, ଆତଙ୍କବାଦୀ ଆକ୍ରମଣ ଓ କଳଙ୍କିତ ବାତାବରଣ ଆଡୁ ବର୍ତ୍ତମାନ ବହୁବ୍ୟକ୍ତି ଭାରତ ଆଡ଼କୁ ମୁହାଁଇଲେଣି। ଭାରତ ତାର ଅଦ୍ୱୈତ ବେଦାନ୍ତ ଦର୍ଶନ, ଗୀତା ଓ ଉପନିଷଦରେ ଥିବା ଦିବ୍ୟଜ୍ଞାନ ସେମାନଙ୍କୁ ଆକୃଷ୍ଟ କରିଛି। ଭାରତ ହେଉଛି ଏଭଳି ଏକ ମହାନ ଦେଶ ଯେକି ତାର ଗୌରଗଜ୍ଜଳ ଐକ୍ୟ ଯୋଗୁ ସମସ୍ତଙ୍କୁ ଠିକ୍ ମାର୍ଗରେ ପରିଚାଳିତ କରିପାରିବା ସହ ସମଷ୍ଟିଙ୍କୁ ସମୃଦ୍ଧି, ଶାନ୍ତି ଓ ଚିରନ୍ତନ ସୁଖ ଆଡ଼କୁ ଆଗେଇ ନେଇପାରିବ। ଭାରତ କେବଳ ପୃଥିବୀକୁ ଉତ୍ତମ ବୁଝାମଣା, ଐକ୍ୟ, ଭ୍ରାତୃତ୍ୱ ଓ ଶାନ୍ତି ଆଡ଼କୁ ମାର୍ଗଦର୍ଶନ ଦେଖାଇବା ପାଇଁ ସକ୍ଷମ। ବର୍ତ୍ତମାନ ଭାରତର ସମସ୍ୟା ଉତ୍କଟ। ଋଣ ଭାରରେ ଭାରତ ବୁଡ଼ିଯାଇଛି। ସ୍ୱାଧିନ ଭାରତ ଆଜି ଦାରିଦ୍ର୍ୟ, ଅଜ୍ଞତା ଓ ଅର୍ଥନୈତିକ ସଙ୍କଟ ଆଦି ସମସ୍ୟା ସକଳ ଏବେ ମଧ୍ୟ ଅସମାହିତ ହୋଇରହିଛି। ଭାରତୀୟ ଜାତୀୟ ଜୀବନର ଧାରାକୁ କଳୁଷିତ ଓ ବିଷାକ୍ତ କରୁଥିବା ଉପାଦାନଗୁଡ଼ିକ ମୂଳରୁ ହିଁ ଉତ୍ପାଟନ କରିବା ଉଚିତ। ଭାରତର ଶିକ୍ଷାପଦ୍ଧତି ବର୍ତ୍ତମାନ ବିପର୍ଯ୍ୟୟ। ଯେଉଁ ଭାରତ ଦିନେ ସମଗ୍ର ବିଶ୍ୱର ଉଦାହରଣ ହୋଇଥିଲା ଆଜି ସେହି ଭାରତ ଅନେକ ସମସ୍ୟାର ବୁଢିଆଣୀ ଜାଲଭିତରେ ଛନ୍ଦି ହୋଇଯାଇଛି। ଏଥିରୁ ମୁକ୍ତି ପାଇବାକୁ ହେଲେ ଆଧ୍ୟାତ୍ମିକ ଶକ୍ତିଉପରେ ନିର୍ଭର କରି ଆତ୍ମା ଓ ଐଶ୍ୱରିକ ସତା ବଳରେ ଜ୍ଞାନ, ସମୃଦ୍ଧି, ଶକ୍ତି ଓ ଶାନ୍ତିର ଭିତି ପ୍ରସ୍ତର ସ୍ଥାପନ କରିବାକୁ ହେବ। ଭାରତବର୍ଷର ଆଧ୍ୟାତ୍ମିକ ସଂସ୍କୃତିର ଆଧାରରେ ଏକ ଚିରନ୍ତନ ବତୀଘର ଆଲୋକ ହୁଅ ଏବଂ ଆଦର୍ଶ ହିନ୍ଦୁର ଆଦର୍ଶ ବ୍ୟକ୍ତିଗତ ଓ ସାମାଜିକ ଜୀବନ ଯାପନ କରିପାରିଲେ ଭାରତ ନିଶ୍ଚିତ ଭାବେ ଉଚାଙ୍ଗ ଶୃଙ୍ଗକୁ ଛୁଇଁବ।



ଉମାଶଙ୍କର ପ୍ରସାଦ

*ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର,*
*ଭଗତ ଲେନ୍, ମେନ୍ ରୋଡ଼, ଖୋର୍ଦ୍ଧା*
*ମୋ: ୮୮୯୫୫୪୭୪୯୦*

# ମୋଦିଜୀଙ୍କ ତୃତୀୟ ପାଳିର ଶହେ ଦିନ

ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦିଜୀଙ୍କ ତୃତୀୟ ପାଳିର ଶହେ ଦିନ ପୁରିଛି। ଏଥିସହ ସାଧାରଣ ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ମୋଦିଜୀ ପ୍ରତିଶ୍ରୁତି ଦେଇଥିଲେ ଓଡ଼ିଶାରେ ବିଜେପି ସରକାର ହେଲେ ସୁଭଦ୍ରା ଯୋଜନା ଆରମ୍ଭ ହେବ। ଓଡ଼ିଶାର ସାମାଜିକ, ନ୍ୟାୟ ଇତିହାସରେ ଗତକାଲି ଦିନଟି ଏକ ଗୌରବମୟ ଦିନ। କାରଣ ଏହି ଯୋଜନାରେ ଏକ କୋଟିରୁ ଅଧିକ ମହିଳାଙ୍କ ସଶକ୍ତିକରଣ ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ଭୂମିକା ତୁଲାଇବ। ଓଡ଼ିଶାରେ ନୂତନ ସରକାର ମାତ୍ର ଶହେଦିନ କାର୍ଯ୍ୟକାଳ ପୂରଣ କରିଥିବାବେଳେ ଏହି ସ୍ୱଳ୍ପ ସମୟ ମଧ୍ୟରେ ରାଜ୍ୟ ସରକାର ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ କ୍ଷମତାକୁ ଆସିବା ପରେ ମୋଦିଜୀ ମାତ୍ର ଶହେ ଦିନ ଭିତରେ ପ୍ରାଥମିକ ଭାବେ ଯେଉଁ କାର୍ଯ୍ୟ ଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ ପୂରଣ କରିଛନ୍ତି ସେଥିମଧ୍ୟରୁ ତାଙ୍କ ସରକାରର ପ୍ରଥମ ଫୋକସ ଥିଲା ଭିତ୍ତିଭୂମିର ବିକାଶ। ମାତ୍ର ଶହେଦିନ ଭିତରେ ସଡ଼କ ଠାରୁ ବନ୍ଦର, ରେଳପଥ ଠାରୁ ବିମାନ ଭିତ୍ତିଭୂମି ଏଯାବତ ତିନିଲକ୍ଷ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଅନୁମୋଦନ ହୋଇଛି। ଏହାର ପରିମାଣ ୧୧.୧୧ଲକ୍ଷ କୋଟିକୁ ବଢ଼ିବା ପରେ ବ୍ୟାପକ ନିଯୁକ୍ତି ତିଆରି ହୋଇପାରିବ। ଚାଷୀଙ୍କ ପାଇଁ କିଶାନ ସମ୍ମାନ ନିଧିର ୧୭ତମ କିସ୍ତି ଜାରି କରାଯାଇଥିବାବେଳେ ଏ ପର୍ଯ୍ୟନ୍ତ ୧୨କୋଟି ୩୩ଲକ୍ଷ ଚାଷୀଙ୍କୁ ୩ ଲକ୍ଷ କୋଟି ଟଙ୍କା ଦିଆଯାଇଛି। ସେହିଭଳି ୨୦୨୪-୨୫ ବର୍ଷ ପାଇଁ ଖରିପ ଫସଲର ଏମଏସପି ବର୍ଦ୍ଧିତ କରାଯିବା ଦ୍ୱାରା ୧୨କୋଟି ଚାଷୀଙ୍କୁ ୨ଲକ୍ଷ କୋଟି ଟଙ୍କାର ଫାଇଦା ମିଳିପାରିବ। କୋଲାଭରମ ପ୍ରକଳ୍ପ ପାଇଁ ୧୨ ହଜାର ୧୦୦ କୋଟି ଟଙ୍କା ସହ ଡିଜିଟାଲ କୃଷି ମିଶନ ସମେତ ସାତଟି ବଡ଼ ଯୋଜନା ପାଇଁ ୧୪ ହଜାର ୨୦୦ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ଭାରତ ବର୍ଷ ଆଗେଇବା ପାଇଁ ଯୁବ ପିଢୀଙ୍କୁ ଆର୍ଥିକ କ୍ଷେତ୍ରରେ ମଜଭୁତ କରିବା ପାଇଁ ମୋଦିଜୀଙ୍କ ପ୍ରଥମ ଶହେ ଦିନରେ ଇଜି ଅଫ ଡୁଇଙ୍ଗ ବିଜିନେସ ଓ ଯୁବ ବର୍ଗଙ୍କ ପାଇଁ ଅନେକ ଯୋଜନା ହାତକୁ ନିଆଯାଇଛି। ଆଞ୍ଜେଲଟିକସ ହଟେଇ ଦିଆଯିବା ସହ କର୍ପୋରେଟ ଟିକସକୁ ମଧ୍ୟ କମାଯାଇଛି। ମହାକାଶ କ୍ଷେତ୍ରରେ ଷ୍ଟାଟପ୍ ପାଇଁ ୧ ହଜାର କୋଟିର ଭେଞ୍ଚର କ୍ୟାପିଟାଲର ବାରଦ ସହ ଟାୟାର-୨ ଓ ଟାୟାର-୩ ସହରରେ ଷ୍ଟାର୍ଟଅପ୍ ପ୍ରୋଗ୍ରାମକୁ ଅନୁମୋଦନ କରାଯାଇଛି। ଯୁବ ବର୍ଗଙ୍କ ଦକ୍ଷତା ବିକାଶ ଓ ସେମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗଇ ଦେବା ଲାଗି ୨ଲକ୍ଷ କୋଟିର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଇଛି। ଯାହାଦ୍ୱାରା ଆଗାମୀ ପାଞ୍ଚ ବର୍ଷରେ ୪କୋଟି ୧୦ଲକ୍ଷ ଯୁବ ବର୍ଗ ସୁଫଳ ପାଇବେ।



ସୌର ଚନ୍ଦ୍ର ମହାପାତ୍ର

ମହିଳା ସଶକ୍ତି କ୍ଷେତ୍ରରେ ମୋଦିଜୀଙ୍କ ସରକାର ତାଙ୍କ ତୃତୀୟ ପାଳିର ଶହେଦିନ ଭିତରେ ୧୧ଲକ୍ଷ ନୂଆ ଲକ୍ଷପତି ଦିଦିଙ୍କୁ ପ୍ରମାଣ ପତ୍ର ବଣ୍ଟନ କରିଛନ୍ତି ଯାହାଦ୍ୱାରା ବର୍ତ୍ତମାନ୍ ୧ କୋଟିରୁ ଅଧିକ ଲକ୍ଷପତି ଦିଦି ବର୍ଷକୁ ୧ଲକ୍ଷରୁ ଅଧିକ ଟଙ୍କା ଉପାର୍ଜନ କରି ସ୍ୱାବଲମ୍ବୀ ହୋଇପାରୁଛନ୍ତି। ମୋଦିଜୀଙ୍କ ସରକାର ମୁଦ୍ରାଋଣ ସୀମା ୧୦ଲକ୍ଷରୁ ୨୦ଲକ୍ଷକୁ ବଢ଼ାଇବା ସହ ୬୩ ହଜାର ଆଦିବାସୀ ଗ୍ରାମର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ବିକଶିତ ଆଦିବାସୀ ଗ୍ରାମ ଅଭିଯାନ ଆରମ୍ଭ କରାଯାଇଛି। ଯାହା ଅଧୀନରେ ୫କୋଟି ଆଦିବାସୀଙ୍କ ଆର୍ଥିକ ଓ ସାମାଜିକ ବିକାଶ ହୋଇପାରିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବଡ଼ ସୁଧାର ଭାବେ ୭୫ ହଜାର ନୂଆ ମେଡ଼ିକାଲ ସିଟ ବଢ଼ାଯାଇଛି। ୭୦ବର୍ଷରୁ ଅଧିକ ବୟସର ସମସ୍ତ ନାଗରିକଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। କେବଳ ସେତିକି ନୁହେଁ ମୋଦିଜୀଙ୍କ ସରକାର ତୃତୀୟ ପାଳିରେ ଯେଉଁ ପୂର୍ବଜ ଯୋଜନାକୁ ଅନ୍ତର୍ଭୁକ୍ତ କରିଛନ୍ତି ଏଥିରେ ବିକାଶର ଫୋକସରେ ବିହାର, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ସହ ସର୍ବାଗ୍ରେ ଓଡ଼ିଶା ରହିଛି। ସହରାଞ୍ଚଳ ବନ୍ୟା ପରିଚାଳନା ପାଇଁ ଓ ବନ୍ୟା ମୁକାବିଲା ପାଇଁ ୬ହଜାର ୩୫୦ କୋଟି ଟଙ୍କାର ପ୍ରସ୍ତାବ ଅନୁମୋଦନ ହେବା ସହ ଲଦାଖରେ ୫ଟି ନୂଆ ଜିଲ୍ଲା ପ୍ରତିଷ୍ଠା ହୋଇଛି। ୩୫ ବର୍ଷ ପରେ ତ୍ରିପୁରାର ବିଭିନ୍ନ ଉଗ୍ରବାଦୀ ସଂଗଠନ ସହ ଶାନ୍ତିବୁଝାମଣା ସ୍ୱାକ୍ଷର ହୋଇଛି। ସମାଜର ମୁଖ୍ୟ ସ୍ରୋତକୁ ୩୨୮ ଜଣ ଉଗ୍ରବାଦୀ ସେମାନଙ୍କ ଘାତକ ଅସ୍ତ୍ରଶସ୍ତ୍ର ଫେରାଇବା ସହ ଆତ୍ମ ସମର୍ପଣ କରିଛନ୍ତି। ସାଇବର ଅପରାଧ କ୍ଷେତ୍ରରେ ଆଗାମୀ ୫ ବର୍ଷରେ ୫୦୦୦ ସାଇବର କମାଣ୍ଡୋଙ୍କୁ ତାଲିମ ସହ ନିଯୁକ୍ତି ଓ ସମନ୍ୱୟ ପ୍ଲାଟଫର୍ମ ଖୋଲାଯାଇଛି। ସାଇବର ଅପରାଧ ଅଭିଯୋଗ ପାଇଁ ଏକ ସାଇବର ଦୋସ୍ତ ମୋବାଇଲ ଆପ ମଧ୍ୟ ଆରମ୍ଭ ହେବା ସହ ବ୍ୟାଙ୍କିଙ୍ଗ ଓ ଦିନକୁ ଦିନ ଉଦବେଗଜନକ ଭାବେ ବଢୁଥିବା ଆର୍ଥିକ ଠକେଇର ମୁକାବିଲା ପାଇଁ ସାଇବର ଫ୍ରଡ଼ ମିଟିଗେସନ ସେଣ୍ଟର ପ୍ରତିଷ୍ଠା ହୋଇଛି।

ସମଗ୍ର ବିଶ୍ୱ ଦରବାରରେ ଭାରତର ଶକ୍ତିଶାଳୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଅଖଣ୍ଡ ପ୍ରଭାବ ମଧ୍ୟ ବଢ଼ିଛି। ମୋଦିଜୀଙ୍କ ସରକାରର ବିଦେଶ ନୀତି ନୂଆ ଶିଖରରେ ପହଞ୍ଚିଛି। ଯୁଦ୍ଧଗ୍ରସ୍ତ ଋଷ ଓ ୟୁକ୍ରେନ ଗସ୍ତ କରି ଶାନ୍ତିର ବାର୍ତ୍ତା ଦେଇଛନ୍ତି। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ୪୧ ବର୍ଷ ପରେ ଅଷ୍ଟ୍ରିଆ ଓ ୪୫ ବର୍ଷ ପରେ ପୋଲାଣ୍ଡ ଗସ୍ତ କରି ଦ୍ୱିପାକ୍ଷିକ ସମ୍ପର୍କକୁ ବଢ଼ାଇଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ଭାବେ ବୃନେଇ ପରିଦର୍ଶନ କରିବା ସହ ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଳନୀରେ ଭାରତ ୧୨୦ରୁ ଅଧିକ ଦେଶକୁ ଗୋଟିଏ ଛାତ ତଳେ ଏକାଠି କରିପାରିଛି। ନୂଆ ଅପରାଧ ଆଇନ ମୋଦିଜୀଙ୍କ ସରକାରର ଏକ ସବୁଠାରୁ ବଡ଼ ଆଇନଗତ ନିଷ୍ପତ୍ତି। ସଂସଦରେ ୱାକଫ ସଂଶୋଧନ ବିଲ ଅଣାଯିବା ସହ ଜୁନ ୨୫ ତାରିଖକୁ ସମ୍ବିଧାନ ହତ୍ୟା ଦିବସ ଭାବେ ଘୋଷଣା କରାଯାଇଛି। କେବଳ ଏତିକି ନୁହେଁ ବିକାଶର ମାନଚିତ୍ରରେ ଓଡ଼ିଶା ଯଥେଷ୍ଟ ଆଗକୁ ଯାଇଛି। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଓଡ଼ିଶା ଗସ୍ତ ସମୟରେ ଓଡ଼ିଶାବାସୀଙ୍କୁ ୨୮୭୧ କୋଟି ଟଙ୍କାର ରେଳ ପ୍ରକଳ୍ପ ଭେଟି ଦେବା ପାଇଁ ଯାଉଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାରେ ରେଳ ବିକାଶ ପାଇଁ କେନ୍ଦ୍ର ବଜେଟରେ ରେକର୍ଡ଼ ଭାବେ ୧୦,୫୮୬ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଯାହାକି ରେଳ ଚଳାଚଳ କରିବା ଇଲାକା ଗୁଡ଼ିକରେ ପ୍ରତ୍ୟେକ୍ଷ ନିଯୁକ୍ତି ସୃଷ୍ଟି ସହ ଓଡ଼ିଶାକୁ ପୂର୍ବୋଦୟ ବିକାଶର କେନ୍ଦ୍ର ଭାବେ ଗଢ଼ି ତୋଳିବା ସହ ଆକାଂକ୍ଷୀ ଜିଲ୍ଲା ତଥା ଆଦିବାସୀ ବହୁଳ ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିପାରିବ। ଇତିମଧ୍ୟରେ ଓଡ଼ିଶାରେ ତିନୋଟି ନୂତନ ବନ୍ଦେ ଭାରତ ଟ୍ରେନ ଚଳାଚଳ କରି ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ରାଜ୍ୟର ସଡ଼କ ଭିତ୍ତିଭୂମି ପାଇଁ ଏନଡିଏ ସରକାରଙ୍କ ପ୍ରଥମ ଶହେ ଦିନରେ ୭୫ ହଜାର କୋଟି ଟଙ୍କାର ପ୍ରକଳ୍ପ ବିଷୟରେ ଘୋଷଣା ହେବା ସହ ଜାତୀୟ ରାଜପଥକୁ ବନ୍ଦର ସହିତ ଯୋଡ଼ିବା, ୧୫ ହଜାର କୋଟିର ଚାରଟି ଜାତୀୟ ରାଜପଥ ପ୍ରକଳ୍ପ ନିର୍ମାଣ ସହ ୨୦୨୪-୨୫ ବର୍ଷ ପାଇଁ ରାଜପଥ ମନ୍ତ୍ରଣାଳୟର ଗୋଟିଏ ନୂଆ ସେତୁ ଓ ପାଞ୍ଚଟି ସଡ଼କ ପଥ ପ୍ରକଳ୍ପ ନିର୍ମାଣ ବାବଦରେ ୮୯୨ କୋଟି ଟଙ୍କା ଖର୍ଚ୍ଚକୁ ଅନୁମୋଦନ କରିଛନ୍ତି। ଓଡ଼ିଶାରେ ବିଜେପି ସରକାର ଗଠନ ହେବାପରେ ବ୍ୟାପକ ଭାବରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆଗାମୀ ଦିନରେ ଓଡ଼ିଶା କେବଳ ଅର୍ଥନୈତିକ ନୁହଁ ସାମାଜିକ କ୍ଷେତ୍ରରେ ଏକ ଆଗୁଆ ରାଜ୍ୟ ଭାବେ ପରିଗଣିତ ହେବାକୁ ଯାଉଛି।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,*
*କଟକ, ଦୂରଭାଷ :*
*୯୪୩୭୦୦୪୪୬୬*
*'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି,*
*ସେକ୍ଟର-୬, କଟକ*




# କୃଷି ବିଲ୍‌କୁ ବିରୋଧ କରି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ସମାବେଶ



ଖୋର୍ଦ୍ଧା (ପିଏନ)-କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆଣିଥିବା କୃଷି ବିଲ ହେଉଛି କୃଷି ମାରଣ ବିଲ୍। ଏହି ବିଲ୍ ପାସ୍ ହେବା ଦ୍ୱାରା ବଡ ବଡ କମ୍ପାନୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି। ଏହି କୃଷି ମାରଣ ବିଲ୍‌କୁ ସାରା ଭାରତବର୍ଷରେ ଚାଷୀ, ସାଧାରଣ ଲୋକ ବିରୋଧ କରୁଥିବା ବେଳେ ଓଡିଶାରେ ମଧ ବିରୋଧ କରାଯାଇଛି। ଏହି ଅବସରରେ କିଛି ଦିନ ତଳେ ପ୍ରଦେଶ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଠାରେ ଏକ ରାଜ୍ୟସ୍ତରୀୟ କୃଷି ସମାବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଖୋର୍ଦ୍ଧାରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ଏବଂ ଚାଷୀ ସେମାନଙ୍କ ଟ୍ରାକ୍ଟର ଓ ହଳଲଙ୍ଗଳ ଧରି ଅଭିନବ ଉପାୟରେ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଥିଲେ। କୃଷି ବିଲ୍ ଆଇନ୍‌ର ପ୍ରତ୍ୟାହାର ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ତହସିଲ୍‌ଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କୃଷି ବିଲ୍ ପାରିତ ହେବା ଦ୍ୱାରା କୃଷକମାନେ କେତେ ଯେ ହଇରାଣ ହରକତ ହେବେ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଓଡିଶାରେ କଂଗ୍ରେସ ସରକାର ସମୟରେ ଚାଷୀମାନଙ୍କର ଅଭୂତପୂର୍ବ ଉନ୍ନତି ହୋଇଥିଲା। କୃଷି ଶିଳ୍ପ ସାଂଗକୁ ଜଳସେଚନ ବ୍ୟବସ୍ଥାକୁ ମଜବୁତ କରାଯାଇଥିଲା। ଦିର୍ଘ ୨୧ ବର୍ଷ ଧରି ଏଠାରେ ଶାସନ କରୁଥିବା ନବୀନ ସରକାର ଚାଷୀ ତଥା କୃଷି କ୍ଷେତ୍ରକୁ ଅବହେଳା କରିଛନ୍ତି। ଏହି ଚାଷୀବିଲ୍ ପାରିତ ହେବା ପରେ ଚାଷୀମାନେ ତାଙ୍କ ଖାଦ୍ୟଶସ୍ୟର ଉପଯୁକ୍ତ ମୂଲ୍ୟ ନପାଇବାରୁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସାଧାରଣ ଜନତା ବି ଏଥିରୁ ତ୍ରାହି ପାଇନାହାନ୍ତି। ବର୍ତମାନ ଅତ୍ୟାବଶ୍ୟକୀୟ ସାମଗ୍ରୀ, ଫଳ, ପନିପରିବା ଦର ହୁ ହୁ ହୋଇ ବଢ଼ିଚାଲିଛି। ରାଜ୍ୟରେ କରୋନା ମହାମାରୀ ବର୍ତମାନ ସଂକଟ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସାଧାରଣ ଲୋକଟିଏ ଜୀବନ ବଂଚାଇବା ପାଇଁ ସଂଘର୍ଷ କରୁଛି। ଏହି ସମୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଢ଼ିବା ତାଙ୍କ ଉପରେ ବୋଝ ଉପରେ ଲଳିତାବିଡା ସଦୃଶ ହୋଇଛି। ତେଣୁ ଏହି କଳା କୃଷି ବିଲ୍ ଆଇନ୍‌କୁ ସମସ୍ତ ଜନସାଧାରଣ ବିରୋଧ କରିବା ଉଚିତ୍ ବୋଲି ଶ୍ରୀ ରାଉତରାୟ ତାଙ୍କ ଉଦ୍‌ବୋଧନରେ କହିଥିଲେ। ଆଜିର ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶୁଭେନ୍ଦୁ ମହାନ୍ତି, ପ୍ରଦୀପ ସ୍ୱାଇଁ, ପ୍ରଦୀପ ସାହୁ, ଶିଶିର ପରିଡା, ସଂଗ୍ରାମ ରାଉତରାୟ, ସୁନିଲ୍ ରାଉତରାୟ, ସୁଧାଂଶୁ ମୋହନ ପଟ୍ଟନାୟକ, ତ୍ରିଲୋଚନ ପ୍ରଧାନ, ତପନକାନ୍ତ ଚକ୍ରବର୍ତୀ, ଅମିତ୍ ମହାନ୍ତି, କଳିଙ୍ଗ ସାହୁ, ନୌସର ଅଲ୍ଲୀ, ବୃନ୍ଦାବନ ସାହୁ, ଅନନ୍ତ ବେହେରା, ବାବୁଲି ରାଉତରାୟ, ଦିବାକର ବେହେରା, ପଦ୍ମ ରାୟ, ସଂଜୟ ପଟ୍ଟନାୟକ, ଜୟକୃଷ୍ଣ ମଲିଆ, ସ୍ୱାଗତ କର, ବଟକୃଷ୍ଣ ରାଉତରାୟ, ଜୟନ୍ତ ଭୋଇ, ପ୍ରସାଦ ବଳିୟାରସିଂ, କାଳନ୍ଦି ଚରଣ ନାୟକ, ସୁବାସ ପାତ୍ର ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ନୂଆପଡା ଜିଲ୍ଲା ନିଖିଳ ଉତ୍କଳ ଗ୍ରାମୀଣ ଚ଼ାଷୀ ମୂଲିଆସଂଘର ବୈଠକ



ଭୁବନେଶ୍ୱର,(ପି.ଏନ): ନିଖିଳ ଉତ୍କଳ ଗ୍ରାମୀଣ ଚ଼ାଷୀ ମୂଲିଆ ସଂଘ,ନୂଆପଡା ଜିଲ୍ଲା ସଭାପତି କେଶବ ବେହେରାଙ୍କ ନେତୃତ୍ୱରେ ଜିଲ୍ଲା କାର୍ଯ୍ୟାଳୟ ଖଡ଼ିଆଳ ବ୍ଲକ ସ୍ଥିତ ଦୋହେଲପଡା ଠାରେ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତା ବୈଠକ ଏବଂ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଂଗଠନର ଜାତୀୟ ସାଂଗଠନିକ ସମ୍ପାଦକ ତଥା ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ତଥା ନିଖିଳ ଉତ୍କଳ ଗ୍ରାମୀଣ ଚ଼ାଷୀମୁଲିଆ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂଆପଡା ଜିଲ୍ଲା ର ମୁଖ୍ୟ ଶ୍ରମିକ ସମସ୍ୟା, ଦାଦନ ସମସ୍ୟା ଦଶନ୍ଧି ଦଶନ୍ଧି ଧରି ଜିଲ୍ଲାରେ ମୁଣ୍ଡ ଟେକି ରହିଥିଲେ ହେଁ ସରକାରୀ ସ୍ତରରେ ଆନ୍ତରିକତାର ଅଭାବ, ସରକାର ଶ୍ରମିକ ବିରୋଧି ନୀତି ଯୋଗୁଁ ଏହାର ସମାଧାନ ହୋଇ ପାରୁନାହିଁ, ତେଣୁ ଶ୍ରମିକ ସମାଜ ନିଜେ ସଚେତନ ହୋଇ ଏଥି ପାଇଁ ସଂଘର୍ଷ କରିବାକୁ ପଡିବ କ୍ଷ ପେଟ ପାଟଣା ପାଇଁ ରାଜ୍ୟ ବାହାରକୁ ଦାଦନ ଖଟି ଯାଉଥିବା ଶ୍ରମିକ ଙ୍କ ପଞ୍ଜିକରଣ ଶ୍ରମ ବିଭାଗ ବାଧ୍ୟତାମୂଳକ ଭାବରେ କରିବା ବଦଳରେ ଏଥିରେ ଟାଳଟୁଣ ନୀତି ଅବଲମ୍ବନ ଦ୍ୱାରା ପରମୁହୁର୍ତ୍ତରେ ଶ୍ରମିକ ରାଜ୍ୟ ବାହାରକୁ ଯାଇ ନିର୍ଯ୍ୟାତିତ ହୋଇଥାନ୍ତି। ତେଣୁ ଶ୍ରମିକ ସମସ୍ୟାକୁ ବିଭାଗୀୟ ଅଧିକାରୀ ଅତି ହାଲୁକା ଭାବରେ ଗ୍ରହଣ କରିବା ଦୁଃଭାଗ୍ୟପୂର୍ଣ୍ଣ ବୋଲି ମତ ପୋଷଣ କରିଥିଲେ। ଏହି ବୈଠକରେ ପ୍ରବାସୀ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାରେ ବିଭାଗୀୟ ଅପାରଗତକୁ ପ୍ରମୁଖ ଭାବରେ ଉପସ୍ଥାପନ କରା୍ ?ାଇ ଶ୍ରମିକଙ୍କ ସ୍ୱାର୍ଥରକ୍ଷା ପାଇଁ ସଂଗଠନ ସଦା ତତ୍ପର ବୋଲି ମତବ୍ୟକ୍ତ କରାଯାଇଛି। ଧାନର ଏମ୍‌ଏସ୍‌ପି ଯଥାଶିଘ୍ର ୩୧ଶହ ଘୋଷଣା କରିବା ଓ ସରକାରୀ ପ୍ରତିଶୃତି ଅନୁଯାୟୀ ୩୦୦ ୟୁନିଟ ବିଜୁଳି ମାଗଣା ଯୋଗାଇ ଦେବାକୁ ସଭାରେ ଆଲୋଚ଼ନା ହୋଇଥିଲା। ସମଗ୍ର ଦେଶରେ ଦରଦାମ ବୃଦ୍ଧି ଯୋଗୁଁ ଶ୍ରମିକ ଓ ମଧ୍ୟବିତ୍ତ ବର୍ଗର ଲୋକଙ୍କ ମେରୁଦଣ୍ଡ ଦୋହଲି ଯାଇଥିବାରୁ ସରକାର ଦୃଷ୍ଟି ଦେବାକୁ ଦାବି ହୋଇଥିଲା। ମନରେଗା ଯୋଜନାରେ ପ୍ରବାସୀ ଶ୍ରମିକଙ୍କୁ ୨୦୦ ଦିନର କାର୍ଯ୍ୟ ବାଧ୍ୟତାମୂଳକ ଭାବରେ ଯୋଗାଇଦେବା, ଜିଲ୍ଲାର ବେକାର ଶିକ୍ଷିତ ଯୁବକ ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଜିଲ୍ଲାରେ ଗଢିଉଠିଥିବା ବିଭିନ୍ନ ପ୍ରକଳ୍ପ ଓ ଠିକା ସଂସ୍ଥାମାନଙ୍କରେ ଚ଼ାକିରି ଦେବା ଓ ଶ୍ରମିକଙ୍କ ରୋଜଗାର ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଦାବି କରାଯାଇଥିଲା। ଦଶନ୍ଧି ଦଶନ୍ଧି ଧରି ଦାଦନ ସମସ୍ୟା ଉପରେ ମିଟିଙ୍ଗ ସିଟିଙ୍ଗ ଇଟିଙ୍ଗ ମାଧ୍ୟମରେ ସମୟ ନଷ୍ଟ କରାନଯାଇ ଏହାର ସମାଧାନ କରାଯାଉ ବୋଲି ମତ ପୋଷଣ କରାଯାଇଥିଲା। ଏହା ସହିତ ଗତ ସରକାର ଥିବା ବେଳେ ନୂଆପଡା ଓ ବଲାଙ୍ଗିର ଜିଲ୍ଲାକୁ ଦାଦନ ମୁକ୍ତ ଘୋଷଣା କରାଯାଇ ୭ ଗୋଟି ବ୍ଲକ କୁ ପ୍ରଦାନ କରାଯାଇଥିବା ୧୩୪ କୋଟି ଟଙ୍କାର କାର୍ଯ୍ୟକାରିତା ଉପରେ ଭିଜିଲାନ୍ସ ତଦନ୍ତ କରାଯିବାକୁ ମଧ ଦାବି ହୋଇଥିଲା। ଅନ୍ୟ ଅତିଥୀ ମାନଙ୍କ ମଧ୍ୟରେ ଆଇଏନଟିୟୁସି ବଲାଙ୍ଗିର ଜିଲ୍ଲା ସଭାପତି କୃଷ୍ଣଚ଼ନ୍ଦ୍ର ସାହୁ, ନିଖିଳ ଉତ୍କଳ ଗ୍ରାମୀଣ ଚ଼ାଷୀ ମୂଲିଆ ସଂଘ ବଲାଙ୍ଗିର ସଭାପତି ପ୍ରେମ ଭୋଇ, ଜିଲ୍ଲା ସାଧାରଣ ସମ୍ପାଦକ ବଲାଙ୍ଗିର ସତ୍ୟନାରାୟଣ ସାହୁ ଯୋଗଦେଇ ଥିଲେ। ବୈଠକରେ ଏବଂ ଖରିଆର ରୋଡ ଠାରେ ଥିବା ଜିଲ୍ଲା ଶ୍ରମ କାର୍ଯ୍ୟାଳୟକୁ ନୂଆପଡାକୁ ସ୍ଥାନାନ୍ତର କରିବା ପାଇଁ ଆଗାମୀ ଦିନରେ ସଂଗଠନ ମାଧ୍ୟମରେ ଲଢେଇ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା।

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପ ି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରାଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କା ିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୌଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି



ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

## ତାରିଣୀ ମା'ଙ୍କ ବରିଷ୍ଠ ପୂଜକଙ୍କ ଦେହାନ୍ତ

ଗୋଳାବନ୍ଧ(ପିଏନ)-ଘଟଗାଁ ତାରିଣୀ ମନ୍ଦିରର ବରିଷ୍ଠ ପୂଜକ ଦୁର୍ଯ୍ୟୋଧନ ଦେହୁରୀ(୯୮)ଙ୍କ ଆଜି ସକାଳେ ଗୋଳାବନ୍ଧ ସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟ କାରଣରୁ ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ସମସ୍ତ ପୁଅ, ଝିଅ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ଅଂଚଳର ବହୁ ବରିଷ୍ଠ ନେତୃବୃନ୍ଦ ଦର୍ଶନ କରିବା ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମା'ତାରିଣୀଙ୍କ ବରିଷ୍ଠ ପୂଜକଙ୍କ ମୃତ୍ୟୁ ଖବର ଶୁଣିବା ପରେ ଗୋଳାବନ୍ଧ ଠାରୁ ଆରମ୍ଭ କରି ଘଟଗାଁ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# କାଦୁଅ ବିଲରେ ଫସି ହାତୀ ଶାବକର ମୃତ୍ୟୁ



କେନ୍ଦୁଝର(ପିଏନ)-ଭୂୟାଁ ଜୁଆଙ୍ଗ ପୀଢ କୁଶକଳା ବିଟ୍ ଅନ୍ତର୍ଗତ ନଡାପାଣି ଗାଁ ବିଲ କାଦୁଅରେ ଫସି ଗୋଟିଏ ୨ବର୍ଷର ହାତୀ ଶାବକର ମୃତ୍ୟୁ ହୋଇଥିବା ଜଣାପଡିଛି। ୯ଟି ହାତୀ ଥିବା ଗୋଟିଏ ଦଳ ଗୁରୁବାର ଦିନ ପାହାଡତଳ ଗାଁ ନଡାପାଣିରେ ରହିଥିଲେ। ଏହି ଦଳରେ ୨ଟି ଦନ୍ତା, ୪ଟି ମାଇ ଓ ୩ଟି ଛୁଆ ହାତୀ ଥିଲେ। ବନବିଭାଗର ସ୍କ୍ୱାର୍ଡ ମଧ୍ୟ ଏହି ଦଳ ଉପରେ ତୀକ୍ଷଣ ନଜର ରଖିଥିଲା। ତେବେ ଭୋର ସମୟରେ ହାତୀ ଦଳ କାଦୁଅ ବିଲ ଦେଇ ଯାଉଥିବାବେଳେ ୨ବର୍ଷର ଶାବକଟି କାଦୁଅରେ ଫସି ଯାଇଥିଲା। ଅନ୍ୟ ହାତୀମାନେ ଶାବକଟିକୁ କାଦୁଅରୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକେ ହାତୀ ଗର୍ଜନ ଶୁଣି ବନବିଭାଗକୁ ଖବର ଦେଇଥିଲେ। ବିଜେପି ରେଞ୍ଜର ମାନସ କୁମାର ମୁର୍ମୁ,ଶୁଆକାଟୀ ଫରେଷ୍ଟର ଟିକେଶ୍ୱର ମହାନ୍ତ ଏବଂ ଅନ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ସକାଳ ୯ଟା ସମୟରେ ପହ ିବା ବେଳକୁ ହାତୀ ଶାବକଟିର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝର ଡିଏଫ୍‌ଓ ସ୍ୱୟମ ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବାବେଳେ ଶନିବାର ଦିନ ହାତୀ ଶାବକଟିର ଶବ ବ୍ୟବଛେଦ କରାଯିବ ବୋଲି ଜଣାପଡିଛି।

## ପାରାଦୀପ ରେ ମହମ୍ମଦ ଙ୍କ ୧୪୯୯ତମ ଜୟନ୍ତୀ ଉତ୍ସବ ପାଳିତ

ପାରାଦ୍ୱୀପ,((ପି.ଏନ): ପାରାଦୀପ ବଡପଡିଆ ସ୍ଥିତ ପାରାଦ୍ୱୀପ ପୋର୍ଟ ଇସ୍ ?ଲାମିକ୍ ଆସୋସିଏସନ ର ଜାମା ମସ୍ ?ଜିଦ୍ ପକ୍ଷରୁ ସୋମବାର ଦିନ ମହାପୁରୁଷ ମହମ୍ମଦଙ୍କ ୧୪୯୯ତମ ଜନ୍ମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଆସୋସିଏସନ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା କରାଯାଇଥିଲା। ମୁସଲମାନ ଭାଇମାନେ ବଡପଡିଆ ଜାମା ମସ୍ ?ଜିଦ୍ ଠାରୁ ଶୋଭାଯାତ୍ରା ବାହାରି ବ୍ୟାଙ୍କ ଓ ମଧୁବନ ଛକ ଦେଇ କବରଖାନା ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ପୂର୍ବ ପୁରୁଷ ମାନଙ୍କ ଆତ୍ମାର ସଦ୍ ?ଗତି ପାଇଁ ଦୁଆ (ପ୍ରାର୍ଥନା) କରିଥିଲେ। ପରେ ସେହି ଶୋଭାଯାତ୍ରା ଶିବ ମନ୍ଦିର, ଭୂୟାଁଛକ, ବନ୍ଦର ପ୍ରଶାସନ ଭବନ ଦେଇ ଜାମା ମସ୍ ?ଜିଦ୍ ପର୍ଯ୍ୟନ୍ତ ଆସିଥିଲେ। ମସ୍ ?ଜିଦ୍ ପରିସରରେ ସଂଘର ସଭାପତି ସେଖ୍ ରମ୍ ?ଜାନ୍ ଓ ସମ୍ପାଦକ ସୁଫି ଅହମ୍ମଦ ଏବଂ ମୌଲାନା ଅବ୍ରାର ଆଲମ୍ ସମ୍ ?ସି, ହାଫିଜ୍ ମୋଜମିଲ ହୁସେନ୍ ମହମ୍ମଦଙ୍କ ନୀତିବାଣୀ ଉପରେ ଆଲୋଚ଼ନା କରିଥିଲେ ଏବଂ ଭାରତ ବର୍ଷରେ ଭାଇଚ଼ାରା, ଶାନ୍ତି ଓ ମୈତ୍ରୀ ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରତ ତଥା ଓଡିଶାରେ ମୁସଲମାନ୍ ଓ ଅନ୍ୟ ଧର୍ମର ଲୋକମାନଙ୍କ ସହିତ ସଦଭାବନା ସବୁବେଳେ କାଏମ ରଖିବା ପାଇଁ ପ୍ରାର୍ଥନା କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଆଜାଦ୍ ? ଭାରତ ମେମୋରିଆଲ୍ ଟ୍ରଷ୍ଟର ସଭାପତି ଅବଦୁଲ୍ ଆବିଦ୍ ଖାନ୍, ସେଖ୍ ଜାଫର, ଅବ୍ ?ଦୁଲ ରହିମ୍ ଖାନ୍, ସେଖ୍ ଅବଦୁଲ୍ ବାରି, ମଲ୍ଲିକ୍ ଇମ୍ରାନ୍, ନଦୀମ୍ ତାହିର୍ ଅଲ୍ଲୀ, ମୀରମମତାଜ ଅଲ୍ଲୀ, ସେଖ୍ ଇନତାରୁଲ୍ ହକ୍, ସେଖ୍ ଅନ୍ତର, ହଲିମ୍ ଅଲ୍ଲୀ ଖାନ୍, ସଉଦ୍ ଖାନ୍, ସେଖ୍ ସିଦିକ୍ ଆଲମ୍, ନସାଦ୍ ଅଲ୍ଲୀ, ସେଖ୍ ମମିନ୍ ଏବଂ ସେଖ୍ ଅଲ୍ଲୀ ପ୍ରମୁଖ ଏଥିରେ ସାମିଲ ହୋଇ ଜୁଲୁସ୍ ?କୁ ସଫଳ କରିଥିଲେ

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ



ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍‌ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ଆମ ଚାଷବନ୍ଦୀ: ସୂର୍ଯ୍ୟମୁଖୀ

ଯଦି କେହି ଗୋଟିଏ ରୋପଣରୁ ବହୁମୁଖୀ ଗୁଣ ବିଶିଷ୍ଟ ଉପାଦେୟତା ଖୋଜେ, ତେବେ ସୂର୍ଯ୍ୟମୁଖୀ ବ୍ୟତୀତ ସେ ଆଉ କୋଉ ଚାଷ ହୋଇ ନ ପାରେ। ଐତିହାସିକ ତଥ୍ୟରୁ ଜଣାପଡ଼େ ଯେ ରାଜା ଷୋଡଶ ଲୁଇ (ଫ୍ରାନସ୍) ଏହି ଫୁଲକୁ ତାଙ୍କ ରାଜ୍ୟର ଜାତୀୟ ପ୍ରତୀକ ରୂପେ ବ୍ୟବହାର କରୁଥିଲେ। ସେ ମଧ ନିଜକୁ 'ରାଜା ସୂର୍ଯ୍ୟ' ରୂପେ ବିଦିତ କରିଥିଲେ। ଏ ସୂର୍ଯ୍ୟମୁଖୀକୁ ଭିନ୍‌ସେଣ୍ଟଭାନ୍ ଗୋଗ୍ ମଧ ତାଙ୍କ ରଞ୍ଜିତ ଚିତ୍ରମାନଙ୍କରେ ରଙ୍ଗରୂପେ ବ୍ୟବହୃତ କରୁଥିଲେ।

ସୂର୍ଯ୍ୟମୁଖୀ, ଯାହାକି ମଞ୍ଜିରେ ଭରପୁର, ସୋୟାବିନ୍, ବାଦାମ ଏବଂ ଜଡ଼ାତେଲ ପରି ପୁଷ୍ଟିସାର, କ୍ୟାଲସିୟମ ଲବଣଯୁକ୍ତ ଏବଂ ଏହା ଖାଇବା ତେଲ। ସୂର୍ଯ୍ୟମୁଖୀ ମଞ୍ଜିକୁ ପେଡ଼ି ଏଥିରୁ ତେଲ ବାହାର କରାଯାଏ। ଏହା ଖାଦ୍ୟୋପଯୋଗୀ ଉଦ୍ଭିଦଜାତ ତେଲକୁ ଏକପ୍ରକାର ଲହୁଣୀ ଏବଂ ଖସଡ଼ା ବା ମସୃଣ କରିବା ପଦାର୍ଥ ବା ସ୍ନେହକ ରୂପେ ବ୍ୟବହାର କରାଯାଏ। ପେଡ଼ା ସମୟରେ ସୂର୍ଯ୍ୟମୁଖୀରୁ ବାହାର କରାଯାଉଥିବା ଚୋପା ବା ଖୋଳପା ମଧ ଭାଟି ବା ବାଷ୍ପୀୟ ଟାଙ୍କିରେ ଜାଳେଣି ପାଇଁ ବ୍ୟବହାର କରାଯାଇଥାଏ। ସୂର୍ଯ୍ୟମୁଖୀରୁ ପ୍ରସ୍ତୁତି ଏକ ପ୍ରକାର ପ୍ରସ୍ତୁତ ପିଠା (କେକ୍) ପଶୁଖାଦ୍ୟ ରୂପେ ବ୍ୟବହୃତ ହୁଏ। କାରଣ ଏଥିରେ ପ୍ରଚୁର ପରିମାଣରେ ପୁଷ୍ଟିସାର ଥାଏ। ଏହାର ଖୋଳଯୁକ୍ତ ମଞ୍ଜିକୁ ପଞ୍ଜୁରୀପକ୍ଷୀ ବା ସେହିପରି ଛୋଟ ପୋଷା ଜୀବଙ୍କୁ ଖାଦ୍ୟ ଆକାରରେ ଦିଆଯାଏ। ରୋଷେଇରେ ସୂର୍ଯ୍ୟମୁଖୀ ତେଲର ନିୟମିତ ବ୍ୟବହାର ଶରୀରକୁ କୋଲଷ୍ଟୋରାଲ୍‌ର ପ୍ରବାହ କମାଇବାରେ ସାହାଯ୍ୟ କରିବା ସହିତ ହୃଦ୍‌କ୍ରିୟା ସଂକ୍ରମଣକୁ ଦୂରେଇଥାଏ।

ପାରମ୍ପରିକ ଦୃଷ୍ଟିରୁ ଏହାର ବହୁବିଧ ବ୍ୟବହାର ଅଛି। ଏହା ଉତ୍ତର-ଆମେରିକାର ଭାରତୀୟ (ରେଡ଼ଇଣ୍ଡିୟାନ) ମାନଙ୍କର ୩୦୦୦ବର୍ଷଧରି ଏକ ସଂସ୍କୃତି ଥିଲା। ସେଠି ଏହା ପ୍ରଧାନତଃ ଖାଦ୍ୟ, ଔଷଧ ଓ ରଙ୍ଗ ଆକାରରେ ପ୍ରଥମେ ବ୍ୟବହାର ହେଉଥିଲା। ଖ୍ରୀଷ୍ଟ ୧୫୧୦ ସ୍ପେନୀୟ ଆବିଷ୍କାରକମାନେ ପ୍ରଥମଥର ପାଇଁ ଏହାକୁ ନିଉସେକ୍‌ସିକୋରେ ଦେଖିଲେ ଏବଂ ଏହାର କିଛି ମଞ୍ଜି ସ୍ପେନକୁ ନେଇଆସିଲେ। ସେଇଠୁ ଏ ବିହନ ସାରା ଇଉରୋପ ଓ ରୁଷିଆ ବିଞ୍ଚି ହୋଇଗଲା। ଏମାନେ ହେଉଛନ୍ତି ଏବେ ପୃଥିବୀର ସର୍ବାଧିକ ସୂର୍ଯ୍ୟମୁଖୀ ଉତ୍ପାଦନକାରୀ ଦେଶ। ଏମାନଙ୍କ ବ୍ୟତୀତ ଚାଇନା, ଭାରତ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକାର ସୂର୍ଯ୍ୟମୁଖୀର ବହୁଳ ଚାଷ ଦେଖାଯାଏ।

ସୂର୍ଯ୍ୟମୁଖୀ ଏକ ଖରାଦିନିଆ ଶୁଷ୍କଭୂମି ଚାଷ। ଏହା ସାଧାରଣତଃ ସେପ୍ଟେମ୍ବର ପରଠୁ ଜାନୁୟାରୀ ମଧ୍ୟରେ ବୁଣାଯାଏ। ଉଚ୍ଚତାରେ ଏହି ଗଛ ପ୍ରାୟ ଏକ ମିଟରରୁ ଦୁଇ ମିଟର। ତେବେ ୬ ମିଟର ଉଚ୍ଚତାର ବି ଗଛ ହୁଏ। ସୂର୍ଯ୍ୟମୁଖୀ ଫୁଲର କଢ଼ି ଫୁଟିବା ପୂର୍ବରୁ, ଏହାର କାତିପତ୍ରଗୁଡ଼ିକ ସୂର୍ଯ୍ୟଆଡ଼କୁ ବଙ୍କାଇ ଯାଆନ୍ତି। ଏହାଫଳରେ ଆଲୋକ ସଂଶ୍ଳେଷଣ ସହଜ ହୁଏ। କଢ଼ିଗୁଡ଼ିକ ପ୍ରସ୍ଫୁଟିତ ହେବାର ଦିନେ



ବା ଦୁଇଦିନ ପୂର୍ବରୁ ଏହା ପୁରାପୁରି ଭାବରେ ସୂର୍ଯ୍ୟ ଆଡ଼କୁ ଥାଏ ଓ ସବୁଜରୁ ହଳଦିଆ ପାଲଟିଯାଏ। ସେତେବେଳେ ଏହା ଅମଳ ସମୟ ବୋଲି ବୁଝାପଡ଼େ। ଏହି ସମୟରେ ମଞ୍ଜିଗୁଡ଼ିକର ଆର୍ଦ୍ରତା ପ୍ରାୟ ୧୦ ପ୍ରତିଶତ କମିଯାଇଥାଏ।

ସୂର୍ଯ୍ୟମୁଖୀ ଚାଷ ଏକ ଲାଭଜନକ ନିଶ୍ଚୟ। ଭାରତୀୟ ଜଳବାୟୁ ଅନେକାଂଶରେ ଏହି ଚାଷ ପାଇଁ ବିଶେଷ ଅନୁକୂଳ। ଏହା ଏକ ତୈଳବୀଜ ହେତୁ ଏବଂ ବିଭିନ୍ନ ରୋଗର ନିୟନ୍ତ୍ରିତ କାରଣରୁ ଖାଦ୍ୟକୁ ତେଲ ହିସାବରେ ସୂର୍ଯ୍ୟମୁଖୀକୁ ଆଧାର କରିବା ଉଚିତ୍। କୃଷିକୁଳ ଏହାର ସମୟୋପଯୋଗୀ ଚାଷବନ୍ଦୀ କଲେ, ନିଜର ଆବଶ୍ୟକତା ମେଣ୍ଟାଇବା ସହ, ଅର୍ଥ ଉପାର୍ଜନର ପନ୍ଥାଟିଏ ମଧ ବାହାର କରିପାରିବେ। ଉନ୍ନତ ବିହନ, ସାର, କୀଟନାଶକ ଔଷଧର ପ୍ରୟୋଗ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ କୃଷି ବିଭାଗୀୟ ଅଧିକାରୀଙ୍କ ସହିତ ପରାମର୍ଶ କରାଯାଇପାରେ।

# ଓଡ଼ିଶାର ମନୋରମ ପର୍ଯ୍ୟଟନସ୍ଥଳୀ

ବ୍ୟସ୍ତ ଜୀବନରୁ କିଛି ସମୟ ନେଇ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସ୍ଥାନଟିକୁ ପରିଭ୍ରମଣରେ ଯିବା ପାଇଁ ବେଳେବେଳେ ଆମ ସମସ୍ତଙ୍କର ଇଚ୍ଛା ହୁଏ। ଏଥିପାଇଁ ହୁଏତ ଗ୍ରୀଷ୍ମ ଛୁଟିରେ ଅନେକ ଲୋକ ଶିମଳା, ମନାଲି, କୁଲ୍ଲୁ , ଦାର୍ଜିଲିଂ ଭଳି ହିଲ୍ ଷ୍ଟେସନକୁ ଯିବାକୁ ଯୋଜନା କରିଥାଁନ୍ତି। ଖରାଦିନେ ସୂର୍ଯ୍ୟଙ୍କ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଅନେକ ଏଭଳି ସ୍ଥାନକୁ ଛୁଟି କଟାଇବାକୁ ଯାଇଥାଁନ୍ତି। ଓଡ଼ିଶାରେ ମଧ୍ୟ ଏପରି ଅନେକ ସ୍ଥାନ ରହିଛି ଯାହାକି ଖରାଛୁଟି କଟାଇବା ପାଇଁ ପ୍ରକୃଷ୍ଟ। ଯେପରିକି ଚିଲିକାର ନୀଳ ସୌନ୍ଦର୍ଯ୍ୟ ହେଉ ଅବା ଗୋପାଳପୁର ଓ ପୁରୀର ବିସ୍ତୀର୍ଣ୍ଣ ବେଳାଭୂମି, ଦାରିଙ୍ଗବାଡିର ସୁବଜ ଜଙ୍ଗଲ ଆଦି ସ୍ଥାନ ଖରାଦିନେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଚିଲିକାର ନୀଳ ଜଳରାଶି ସୂର୍ଯ୍ୟଙ୍କ ପ୍ରତ୍ୟେକ ରୂପକୁ ଏକ ନୂଆ ରଙ୍ଗ ଦେଇଥାଏ। ସୂର୍ଯ୍ୟୋଦୟ ସମୟର କଅଁଳ ଖରା ହେଉ ଅବା ସୂର୍ଯ୍ୟାସ୍ତ ସମୟର ରକ୍ତିମ ସୂର୍ଯ୍ୟ କିରଣ ଚିଲିକା ବକ୍ଷରେ ଏହା ସତେ ଯେପରି ଇନ୍ଦ୍ରଧନୁ ଆଙ୍କିଥାଏ। ଚିଲିକା ହ୍ରଦ ବିଭିନ୍ନ ପ୍ରକାର ସାମୁଦ୍ରିକ ଜୀବଙ୍କ ପାଇଁ ଆଶ୍ରୟସ୍ଥଳୀ ପାଲଟିଛି। ଏହାସହିତ ନଳବନର ପକ୍ଷୀ ସମାହାର ସ୍ଥାନଟିର ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ। ଚିଲିକା ଆଖପାଖରେ ମଧ୍ୟ ପର୍ଯ୍ୟଟନର ଯଥେଷ୍ଟ ସାଧନ ରହିଛି। ଏଥିମଧ୍ୟରୁ ସାତପଡା ଅନ୍ୟତମ। ଏହାକୁ ଚିଲିକାର ପ୍ରବେଶ ଦ୍ୱାର ମଧ୍ୟ କୁହାଯାଇପାରିବ କାରଣ ଏହି ପଥରେ ସମୁଦ୍ର ଜଳରାଶି ହ୍ରଦ ମଧ୍ୟକୁ ପ୍ରବେଶ କରିଥାଏ। ଏଠାରୁ ନୌକାଯୋଗେ ଡଲଫିନ ପଏଂଟ୍ ଯାଇପାରିବେ। ବଲାଙ୍ଗୀରଠାରୁ ହାରାହାରି ୮୦ କିମି ଦୂରରେ ଥିବା ହରିଶଙ୍କର ଏହାର ପ୍ରାକୃତିକ ପରିବେଶ ପାଇଁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହାର ପାରିପାର୍ଶ୍ୱିକ ପରିବେଶ କୌଣସି ଚିତ୍ରକର ଦ୍ୱାରା ଅଙ୍କାଯାଇଥିବା ଛବି ଭଳି ମନେହୁଏ। ଗନ୍ଧମାର୍ଦନ ପାହାଡରୁ ବାହାରିଥିବା ଜଳପ୍ରପାତ ଅନେକ ଅଙ୍କାବଙ୍କା ଗତିପଥ ଦେଇ ତଳକୁ ଝରି ଯାଇଥାଏ। ଏହି ପବିତ୍ର ସ୍ଥାନଟିରେ ବିରାଜମାନ କରିଛଁନ୍ତି ପ୍ରଭୁ ହରିଶଙ୍କର। ଖରାଦିନେ ପରିବାର ସହ ପିକନିକ୍ କରିବା ପାଇଁ ଏହି ସ୍ଥାନଟି ପ୍ରକୃଷ୍ଟ। ନିରୋଳାରେ ଛୁଟି କଟାଇବାକୁ ଇଚ୍ଛା କରୁଥିଲେ ଗୋପାଳପୁର ସମୁଦ୍ର ବେଳାଭୂମି ଯାଇପାରଁନ୍ତି। ବରହମପୁରଠାରୁ ହାରାହାରି ୧୬ କିମି ଦୂରତାରେ ଥିବା ଏହି ସ୍ଥାନଟି କୋଳାହଳ ଓ ଜନଗହଳିରୁ ମୁକ୍ତ। ଏହାର ବିସ୍ତୀର୍ଣ୍ଣ ବେଳାଭୂମି, ନୀଳ ଜଳରାଶି ଓ ପବନ ସାଙ୍ଗରେ ଦୋଳି ଖେଳୁଥିବା ସମୁଦ୍ର ଲହଡ଼ିର ଦୃଶ୍ୟ ବେଶ୍ ମନୋରମ। ଓଡ଼ିଶାର କାଶ୍ମୀର ମାନ୍ୟତା ପାଇଥିବା ଦାରିଙ୍ଗବାଡି କୌଣସି ହିଲ୍ ଷ୍ଟେସନରୁ କିଛି କମ୍ ନୁହେଁ। ଜଙ୍ଗଲର ସବୁଜିମା, ପାଇନ ବଣ, ପାହାଡ, ଝରଣା ସାଙ୍ଗକୁ ବିଭିନ୍ନ କିସମର ଫୁଲ ସ୍ଥାନଟିର ଶୋଭା ବଢାଇଥାଏ। ଏଠାରେ ସ୍ଥାନେ ସ୍ଥାନେ ହଳଦୀ ଓ ସୋରିଷର ଚାଷ କରାଯାଇଥାଏ। ଦାରିଙ୍ଗବାଡିରୁ ଅଳ୍ପ ଦୂରରେ ବାଲିଗୁଡାଠାରେ ଥିବା କୋଟାଗଡ ବାଘ, ହାତୀ, ସମ୍ବର ଓ ବିଭିନ୍ନ ପ୍ରକାରର ସ୍ତନ୍ୟପାୟୀ ପ୍ରାଣୀଙ୍କ ଆଶ୍ରୟସ୍ଥଳ ପାଲଟିଛି। ରାଜ୍ୟର ପର୍ଯ୍ୟଟନସ୍ଥଳୀ ବିଷୟରେ ଆଲୋଚନା କରିବା ସମୟରେ ନୀଳାଚଳ ଧାମ ପୁରୀକୁ ଭୁଲି ହେବ ନାହିଁ। ବିଶ୍ୱ ଦରବାରରେ ଓଡ଼ିଶାକୁ ପରିଚୟ ଦେଇଥିବା ଏହି ପୁଣ୍ୟପୀଠଟି ଦେଶର ଚାରିଧାମ ମଧ୍ୟରୁ ଅନ୍ୟତମ। ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ସହିତ ପୁରୀର ବିସ୍ତୀର୍ଣ୍ଣ ବେଳାଭୂମି ପର୍ଯ୍ୟଟଙ୍କୁ ଆକୃଷ୍ଟ କରିଥାଏ। ଖାସ୍ ଖରାଦିନରେ ଏହା ପର୍ଯ୍ୟଟଙ୍କ ପାଇଁ ଭୂସ୍ୱର୍ଗ ପାଲଟିଯାଏ କହିଲେ ଭୁଲ ହେବନାହିଁ। ଶ୍ରୀକ୍ଷେତ୍ରର ଆଖପାଖରେ ମଧ୍ୟ ପର୍ଯ୍ୟଟନର ଯଥେଷ୍ଟ ସାଧନ ରହିଛି। ପୁରୀରୁ ଅଳ୍ପ ଦୂରେ ରହିଛି ଶିଳ୍ପୀ ଗ୍ରାମ ରଘୁରାଜପୁର। ପଟ୍ଟଚିତ୍ର ପାଇଁ ପ୍ରସିଦ୍ଧ ଏହି ଗ୍ରାମର ପ୍ରତ୍ୟେକଟି ପରିବାର କୌଣସି ନା କୌଣସି ହସ୍ତକଳା ସହିତ ଜଡିତ। ଏହା ହସ୍ତକଳାର ଏକ ମୁକ୍ତ ସଂଗ୍ରହାଳୟ ଭଳି ମନେହୁଏ। ରାଜ୍ୟର ଏହିସବୁ ସ୍ଥାନଗୁଡିକୁ ବର୍ଷର ପ୍ରାୟ ସବୁ ସମୟରେ ପର୍ଯ୍ୟଟକଙ୍କ ଗହଳି ଲାଗି ରହିଥାଏ। *(ସୌଜନ୍ୟ: ପି.ଆଇ.ବି.)*

# ସମସ୍ୟା ପୀଡ଼ିତ ମଣିଷର କଥା

ନିକଟଅତୀତରେ ଏକ ଦୈନିକ ସମ୍ବାଦପତ୍ରରୁ ନୈରାଶ୍ୟଜନକ ସମ୍ବାଦଟିଏ ପଢିଲି। ଗୁରୁତର ରୋଗରେ ପୀଡ଼ିତ ଜଣେ ବ୍ୟକ୍ତି ସୁଦୂର ହାଇଦ୍ରାବାଦ୍‌ରୁ ଆମ୍ବୁଲାନ୍ସରେ ବୁହା ହୋଇ ତାଙ୍କ ନିଜ ସହର ନବରଙ୍ଗପୁରରେ ପହଞ୍ଚିଲେ। ରୋଗୀଟି ଅତି ଗୁରୁତର ଓ ବଞ୍ଚିବାର ଆଶା କମ୍ ଥିବାରୁ ସେ ସାମୟିକ ଚିକିତ୍ସା ପାଇଁ ଜିଲ୍ଲା ଚିକିତ୍ସାଳୟରେ ପହଞ୍ଚିଲେ। ରୋଗର ସାଂଘାତିକ ଅବସ୍ଥା ଯୋଗୁ ତାଙ୍କୁ ଅକ୍ସିଜେନ୍ ଦେଇ ଆଇସିୟୁ ପ୍ରକୋଷ୍ଠରେ ରଖିବା ପାଇଁ ଉପଦେଶ ଦିଆ ଯାଇଥିଲା। ମାତ୍ର ସେଠାରେ ଦେଖାଗଲା ଯେ, ଆଇସିୟୁ ପ୍ରକୋଷ୍ଠରେ ତାଲା ଝୁଲୁଛି। ଯନ୍ତ୍ରପାତି ସବୁ ବିକ୍ଷିପ୍ତ ହୋଇ ଏଣେତେଣେ ପଡ଼ିଛି। ଏପରିକି ଜୀବନ ରକ୍ଷାକାରୀ ଅକ୍ସିଜେନ୍‌ର ସଂଯୋଗ ମଧ୍ୟ ନାହିଁ। ଏଭଳି ଅବସ୍ଥା ଦେଖି ହାଇଦ୍ରାବାଦ୍‌ରୁ ଆସିଥିବା ରୋଗୀ ସହ କର୍ମଚାରୀ ମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ସେମାନେ ସିନା ଆଶ୍ଚର୍ଯ୍ୟ ହୋଇଥିଲେ, ହେଲେ ଜିଲ୍ଲାବାସୀଙ୍କ ପାଇଁ ଏହା ନୂଆ ଘଟଣା ନଥିଲା। ଦିନ ଥିଲା ଯେତେବେଳେ ଚିକିତ୍ସାଳୟରେ ଔଷଧ ଚିଠା ଲେଖିବା ପାଇଁ କାଗଜର ଅଭାବ ଥିଲା। ୨୦୦୫ରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିସନ୍ (ଏନ୍‌ଆର୍‌ଏଚ୍‌ଏମ୍) କାର୍ଯ୍ୟକାରୀ ହେଲା। ସମୁଦ୍ର ଲହଡ଼ି ଭଳି ଅନୁଦାନ ସ୍ରୋତ ମାଡ଼ି ଆସିଲା। ରଙ୍ଗାରଙ୍ଗ ଘର, କାଚର ଦ୍ୱାର ଓ ଝରକା, ଏସି ମେସିନ୍, ମାର୍ବଲ୍ ଚଟାଣ, ଗଦି ଲଗା ଚେୟାର୍, ନିୟନ୍ ଲାଇଟ୍, ଶହଶହ ଗାଡ଼ି ଓ ସୁନ୍ଦର ଉଦ୍ୟାନରେ ହସ୍ପିଟାଲ୍‌ଗୁଡ଼ିକ ଶୋଭା ପାଇଲା। ହେଲେ ବାସ୍ତବ ଭିତ୍ତିଭୂମିର ବିକାଶ ହୋଇ ପାରିଲା ନାହିଁ। ଏବେ ବି ପ୍ରତିଦିନ ଅବିଭକ୍ତ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରୁ ଶହଶହ ରୋଗୀ ନିଜର ଜରୁରୀ ଚିକିତ୍ସା ପାଇଁ ସୁଦୂର ବିଶାଖାପାଟଣା ଓ ରାୟପୁରକୁ ଯାଉଛନ୍ତି। ସାମାନ୍ୟ ଅଲ୍‌ଟ୍ରାସାଉଣ୍ଡ ପାଇଁ ରୋଗୀକୁ ଛତିଶଗଡ଼ର ଜଗଦଲପୁର ଯିବାକୁ ପଡୁଛି। ଆୟୁଷ ଡ଼ାକ୍ତରଙ୍କୁ ନେଇ ହସ୍ପିଟାଲ୍ ଚାଲୁଛି। ୨୦୧୭ ମସିହାରେ ଏନ୍‌ଆର୍‌ଏଚ୍‌ଏମ୍ କାର୍ଯ୍ୟ ବନ୍ଦ୍ ହୋଇଗଲେ ଓ ଅନୁଦାନର ମହାନଦୀ ଶୁଖି ଗଲେ, ତା'ପରେ କି ଅବସ୍ଥା ହେବ କହିବା ମୁସ୍କିଲ୍। ଏ ସଂପର୍କରେ ଏତିକି କୁହାଯାଇ ପାରେ ଯେ, ଅଜସ୍ର ଅନୁଦାନ ସତ୍ତ୍ୱେ ଆମେ ଯଦି ଆମ ସ୍ୱାସ୍ଥ୍ୟ ସେବାକୁ ସୁଧାରି ପାରିଲୁ ନାହିଁ, ତେବେ ଭଗବାନ୍ ବି ଆମକୁ କ୍ଷମା ଦେବେ ନାହିଁ।

ନବରଙ୍ଗପୁର ସହର ନିକଟରେ ନୂଆ ଭାବେ ଗଠିତ ମିର୍‌ଗାଣଗୁଡ଼ା ଅଞ୍ଚଳରେ କୋର୍ଟ, କଚେରୀ, ଷ୍ଟାଡିୟମ୍, ବିଭିନ୍ନ ଅଫିସ୍ ଓ ହସ୍ପିଟାଲ୍‌କୁ ସଂଯୋଗ କରି ଯେଉଁ ପ୍ରାୟ ୨ କି.ମି. ରାସ୍ତାଟି ଲମ୍ବିଛି, ତା'ର ନାମକରଣ କରାଯାଇଛି, 'ପ୍ରଗତି ମାର୍ଗ'। ସେହି ରାସ୍ତାଟି ଅତି ସଂକୀର୍ଣ୍ଣ ଓ ଖାଲଖମାରେ ପରିପୂର୍ଣ୍ଣ। ଯାନବାହନଗୁଡ଼ିକ ଅତି ବିପଜ୍ଜନକ ଅବସ୍ଥାରେ ଯାତାୟାତ କରିଥାନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟିଥାଏ। ସେହି ରାସ୍ତା ଦେଇ ପ୍ରତିଦିନ ମନ୍ତ୍ରୀ, ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ବିଚାରପତିମାନେ ଯାଇଥା'ନ୍ତି। ପ୍ରତିବର୍ଷ ଅଗଷ୍ଟ ୧୫ ଓ ଜାନୁୟାରୀ ୨୬ରେ ଜିଲ୍ଲା ସ୍ତରୀୟ ପ୍ୟାରେଡ୍ ମଧ୍ୟ ସେଠାରେ ଅନୁଷ୍ଠିତ ହୋଇଥାଏ। ଏହିସବୁ ଦିବସର ଦିନକ ପୂର୍ବରୁ କିଛି ବାଲି ମାଟି ପକାଇ ରାସ୍ତାକୁ ସମତୁଲ କରାଯାଏ। ୨/୩ ଦିନ ପରେ ଯେଉଁ ଖାଲଖମାକୁ ସେହି ଖାଲଖମାରେ ରାସ୍ତା ପୁରିଯାଏ। ପ୍ରଗତିମାର୍ଗର ଯଦି ଏହି ଅବସ୍ଥା, ଅନ୍ୟ ରାସ୍ତାର ଅବସ୍ଥା କ'ଣ, ତାହା ସହଜରେ ଅନୁମେୟ।

ନବରଙ୍ଗପୁର-ଉମରକୋଟ ମୁଖ୍ୟ ରାସ୍ତାରୁ ଅନ୍ୟ ଏକ ରାସ୍ତା ଧୋଡ୍ରା ଠାରୁ ବାହାରି ସିଂସାରୀ ଦେଇ ଓଡ଼ିଶା ସୀମା ଅତିକ୍ରମ କରି ଜଗଦଲପୁର ସହରକୁ ଯାଇଛି। ଆଜିକୁ ୩୦ବର୍ଷ ତଳେ ଏହି ରାସ୍ତାଟି ମାଟି ମୋରମ୍ ରାସ୍ତା ଥିଲେ ହେଁ ଗମନାଗମନ ଉପଯୋଗୀ ଥିଲା। ମାତ୍ର ପରବର୍ତ୍ତୀ କାଳରେ ପିଚୁ ଓ ମରାମତି ଆଳରେ ରାସ୍ତାଟିକୁ ଏଭଳି କଦର୍ଯ୍ୟ କରାଯାଇଛି ଯେ, ଆଜିକୁ ୧୦ବର୍ଷ ହେଲା ରାସ୍ତାଟି ଗମନାଗମନ ପାଇଁ ସଂପୂର୍ଣ୍ଣ ଅନୁପଯୋଗୀ ହୋଇ ପଡ଼ିଛି। ବାଧ୍ୟ ହୋଇ ଲୋକେ ଛତିଶଗଡ଼ର କଣ୍ଡାଗାଁ ଦେଇ ଅଧିକ ୪୦ କି.ମି. ଅତିକ୍ରମ କରି ଜଗଦଲପୁର ଯାଉଛନ୍ତି। ବେଳେବେଳେ କେବିକେ ପ୍ରଶାସକ ତାରା ଦତ୍ତଙ୍କର ଗ୍ରସ୍ତ କାର୍ଯ୍ୟକ୍ରମ ଥିଲେ, ପୁଳିଏ ମାଟି ପକାଇ ପ୍ୟାଚ୍ ଦେଇ ରାସ୍ତାକୁ ସମାନ କରିବାକୁ ଚେଷ୍ଟା କରାଯାଉଛି। ଏହି ଜିଲ୍ଲାର ଦୁଃଖଭରା କାହାଣୀ ଅନେକ। ସବୁଥାଇ ମଧ୍ୟ ଏହି ଜିଲ୍ଲା ଓଡ଼ିଶାରେ ଦରିଦ୍ରତମ ଜିଲ୍ଲାର ମାନ୍ୟତା ପାଇଛି। ଶିଳ୍ପ କ୍ଷେତ୍ରରେ ମଧ୍ୟ ଏହା ସବୁଠୁ ତଳେ। କୌଣସି ବୃହତ୍ ଶିଳ୍ପ ନାହିଁ। ଏଠାରେ ଜଳସେଚନର ମଧ୍ୟ କୌଣସି ସୁବିଧା ନାହିଁ। ସରକାରୀ କଲେଜ୍ ନାହିଁ। ବୈଷୟିକ ଶିକ୍ଷାନୁଷ୍ଠାନ ନାହିଁ। ରେଳଲାଇନ୍ ନାହିଁ। ଅବହେଳାର ଚରମ ସୀମା ପାର କରିଛି ଏହି ଜିଲ୍ଲା। ପ୍ରଗତିର ରଥ ଯେପରି ରାସ୍ତାରେ ଜାମ୍ ହୋଇଯାଇଛି। ଜିଲ୍ଲାର ଏହି ଦୁର୍ଯୋଗ ବେଳେ ଜିଲ୍ଲାର ପ୍ରଶାସକ ଗୋଷ୍ଠୀ ଓ ଜନପ୍ରତିନିଧି ଗୋଷ୍ଠୀ ଉଭୟ କଳହରେ ମାତି ରହିଛନ୍ତି। ଏହାକୁ କେବଳ ଜିଲ୍ଲାର ଦୁର୍ଭାଗ୍ୟ ଛଡ଼ା ଆଉ କ'ଣ କୁହାଯାଇପାରିବ !


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ଓଡ଼ିଶୀ ପାଇଁ ସମର୍ପିତ ପତିତପାବନ : ଗଢ଼ିଲେଣି ଶତାଧିକ ଓଡ଼ିଶୀ ନୃତ୍ୟଶିଳ୍ପୀ

ଚଣ୍ଡିଖୋଲ ,(ପି.ଏନ): ସ୍ୱତନ୍ତ୍ରବାର୍ତା ବ୍ୟୁରୋ: ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇଛି ଓଡ଼ିଶୀ ନୃତ୍ୟ। ଜଗନ୍ନାଥ ସଂସ୍କୃତି ସହ ଓଡ଼ିଶୀ ନୃତ୍ୟ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ଛାନ୍ଦ, ତାଳ, ଲୟରେ ବାନ୍ଧି ହୋଇ ଓଡ଼ିଶୀ ନୃତ୍ୟ ପ୍ରେମରେ ପଡ଼ିଛନ୍ତି ଅଗଣିତ ବିଦେଶୀ ନାଗରିକ। ଓଡ଼ିଶୀ ନୃତ୍ୟ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ଏ ଦିଗରେ ଓଡ଼ିଶୀ ନୃତ୍ୟଗୁରୁମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ ରହିଛି। ଓଡ଼ିଶୀ ନୃତ୍ୟର ପ୍ରଚାରପ୍ରସାର କରି ଏହାକୁ ସମୃଦ୍ଧ କରିବାରେ ଲାଗିଛନ୍ତି। ଗଢ଼ି ଚାଲିଛନ୍ତି ନୂଆ ନୂଆ ଓଡ଼ିଶୀ ନୃତ୍ୟଶିଳ୍ପୀ। ଏମିତି ଜଣେ ଓଡ଼ିଶୀ ନୃତ୍ୟଗୁରୁ ହେଉଛନ୍ତି ଗୁରୁଶ୍ରୀ ପତିତପାବନ ସାହୁ। 'ପୁପି' ସାର୍ ନାମରେ ପରିଚିତ ହୋଇ ଶହଶହ କୁନି ପ୍ରତିଭାଙ୍କୁ ଓଡ଼ିଶୀ ନୃତ୍ୟରେ ମାହିର୍ କରୁଛନ୍ତି। ମାତ୍ର ୨୭ ବର୍ଷ ବୟସରେ ତାଙ୍କର ଏଭଳି ଉଦ୍ୟମକୁ ସମସ୍ତେ ପ୍ରଶଂସା କରୁଛନ୍ତି। ଯୁବଗୋଷ୍ଠୀଙ୍କ ପାଇଁ ସେ ପ୍ରେରଣାର ଉତ୍ସ ସାଜିଛନ୍ତି। ଯାଜପୁର ଜିଲ୍ଲା



ବଡ଼ଚଣା ବ୍ଲକ୍ ଖଏରା ଗ୍ରାମର ସ୍ୱର୍ଗତ ହଟକିଶୋର ସାହୁ ଓ ସଞ୍ଜୁକ୍ତା ସାହୁଙ୍କ ଜ୍ୟୋଷ୍ଠପୁତ୍ର ହେଉଛନ୍ତି ପତିତପାବନ ଓରଫ ପୁପି(୨୭)। ପିଲାଦିନେ ବାପାଙ୍କ ସାଙ୍ଗରେ ଏକ ନୃତ୍ୟ ଅନୁଷ୍ଠାନକୁ କୌଣସି କାର୍ଯ୍ୟରେ ଯାଇଥିବା ବେଳେ ସେଠାରେ କୁନିକୁନି ପିଲାମାନେ ଓଡ଼ିଶୀ ନୃତ୍ୟ ଶିଖୁଥିବା ଦେଖିଥିଲେ। ଏହା ତାଙ୍କ ମନରେ ଘର କରିଥିଲା। ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ହେବାକୁ ମନ ବଳାଇଥିଲେ। ପୁଅର ଇଚ୍ଛାକୁ ସମ୍ମାନ ଦେଇ ବାପା ୧୨ ବର୍ଷ ବୟସରେ ତାଙ୍କୁ ଓଡ଼ିଶୀ ନୃତ୍ୟାନୁଷ୍ଠାନରେ ନାଁ ଲେଖାଇଥିଲେ। ଏହାପରଠୁ ଆଉ ପଛକୁ ଫେରି ଚାହିଁନାହାଁନ୍ତି ପତିତପାବନ। ଗୁରୁ ବୈଦ୍ୟନାଥ ପ୍ରାଧାନୀ ଠାରୁ ନୃତ୍ୟ ଶିକ୍ଷା କରିଥିଲେ। ଓଡ଼ିଶୀ ନୃତ୍ୟ ପ୍ରତି ରହିଥିବା ଦୁର୍ବଳତା ତାଙ୍କୁ ସଫଳତା ଆଡ଼କୁ ଅଗ୍ରସର କରାଇଥିଲା। ବିଭିନ୍ନ ସ୍ଥାନରେ ନୃତ୍ୟ ପ୍ରଦର୍ଶନ କରି ବେଶ୍ ପ୍ରଶଂସା ସାଉଟିଥିଲେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ସେ ପ୍ରାୟ ୧୦ ଥର ପ୍ରଥମ ସ୍ଥାନ ଅଧିକାର କରି ସମସ୍ତଙ୍କ ନଜରକୁ ଆସିଥିଲେ। ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ମଧ ପ୍ରଥମ ସ୍ଥାନ ଅଧିକାର କରିବା ସହ ପୁରସ୍କୃତ ମଧ ହୋଇଛନ୍ତି। ଏତିକିରେ ସେ ଅଟକି ନଯାଇ ଦେଶବିଦେଶରେ ନାଁ କମାଇବାକୁ ଉଦ୍ୟମ ଚଳାଇଛନ୍ତି। ଓଡ଼ିଶୀ ନୃତ୍ୟ ପ୍ରତି ସମର୍ପଣ ଭାବ ନେଇ ସେ ଆଗେଇ ଚାଲିଛନ୍ତି। ଏହାର ପ୍ରଚାରପ୍ରସାରରେ ନିଜକୁ ନିୟୋଜିତ ମଧ ରଖିଛନ୍ତି। କୁନିକୁନି ପିଲାଙ୍କୁ ଓଡ଼ିଶୀ ନୃତ୍ୟ ଶିକ୍ଷା ଦେଉଛନ୍ତି। ତାଙ୍କରିଠାରୁ ନୃତ୍ୟ ଶିକ୍ଷା କରୁଥିବା ଅନେକ କୁନି ପ୍ରତିଭା ମଧ ରାଜ୍ୟ ତଥା ଜାତୀୟ ସ୍ତରରେ ସଫଳତା ସାଉଁଟିଛନ୍ତି। ଓଡ଼ିଶୀ ନୃତ୍ୟ ପାଇଁ ସାରା ଜୀବନ ଉତ୍ସର୍ଗ କରିବାକୁ ଅଙ୍ଗୀକାର ବଦ୍ଧ ହୋଇଥିବା କହିଛନ୍ତି ଗୁରୁଶ୍ରୀ ପତିତପାବନ ସାହୁ। ଯୁବ ବୟସରେ ଏଭଳି ଉଦ୍ୟମକୁ ନୃତ୍ୟପ୍ରେମୀ ପ୍ରଶଂସା କରିବା ସହ ତାଙ୍କର ଉତୋରତର ଉନ୍ନତି କାମନା କରୁଛନ୍ତି।

# ରାୟଗଡାରେ ତୃତୀୟ ରାଷ୍ଟ୍ରିୟ ଲୋକ ଅଦାଲତ ଅନୁଷ୍ଠିତ

ରାୟଗଡା,(ପି.ଏନ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ରାୟଗଡା ତତ୍ତ୍ୱାବଧାନରେ ରାୟଗଡା ଜିଲ୍ଲା ସିଭିଲକୋର୍ଟ ପରିସରରେ ଆଜି ତୃତୀୟ ରାଷ୍ଟ୍ରିୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ରାୟଗଡା ଜିଲ୍ଲା ମୁଖ୍ୟ କୋର୍ଟ ସମେତ ଗୁଣୁପୁର, ବିଷମକଟକ, କାଶିପୁର ରେ ଦୀର୍ଘ ଦିନ ଧରି ପଡିରହିଥିବା ୨୯୫୧ ଟି ମାମଲାର ଫଇସଲା ହୋଇ ଜରିମାନା ବାବଦକୁ ଟ. ୫୨୧୭୬୩୨ (ବାବନ୍ ଲକ୍ଷ ସତର ହଜାର ଛଅ ସହ ବତିସ) ଟଙ୍କା, ରାଜସ୍ୱ ସମ୍ବନ୍ଧିତ ୩୫ ଟି ମାମଲା ଫଇସଲା, ଲେବର ଡିସ୍ପୁଟ୍ ସମ୍ବନ୍ଧିତ ୫ ଟି ମାମଲାର ଫଇସଲା ହୋଇ ଜରିମାନା ବାବଦକୁ ଟ. ୩୨୯୬୨୫ (ତିନି ଲକ୍ଷ ଅଣତିରିସ୍ ହଜାର ଛଅ ସହ ପଚିସ) ଟଙ୍କା ଓ ପ୍ରିଲିଟିଗେସନ ସମ୍ବନ୍ଧିତ ୩୮ଟି ମାମଲାର ଫଇସଲା ହୋଇ ଜରିମାନା



ବାବଦକୁ ଟ.୧୦୪୪୫୦୦( ଦସ ଲକ୍ଷ ଚଉରାଳିସ ହଜାର ପାଞ୍ଚ୍‌ଛ ସହ) ଟଙ୍କା ଆଦାୟ ହୋଇଛି । ଏହି ଲୋକ ଅଦାଲତ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଜୈରା ଜଜ୍ ଶ୍ରୀ ସତ୍ୟନାରାୟଣ ଷଡଙ୍ଗୀ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଲୋକ ଅଦାଲତ କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଶ୍ରୀମତି ନିବେଦିତା ପଣ୍ଡା ପରିଚାଳନା କରିଥିଲେ । ଏଥିରେ ପରିବାର ଅଦାଲତ ର ବିଚାରପତି ଶ୍ରୀ ଅମୃତ ରଞ୍ଜନ ନନ୍ଦ, ସ୍ଥାୟୀ ଲୋକଅଦାଲତର ଅଧକ୍ଷ ଶ୍ରୀ ଏସ.ଏ.କେ ଜାହିରା ଅହମଦ, ଅତିରିକ୍ତ ଜିଲ୍ଲା ଜୈରା ଜଜ୍ ଶ୍ରୀମତି ରୀନା ଚୌଧୁରୀ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମତି ମିନାକ୍ଷୀ ପ୍ରିୟଦର୍ଶିନି, ମହିଳା କୋଟ ର ବିଚାରପତି ଶ୍ରୀମତି ଶୋନଲ ସର୍ମା, ରେଜିଷ୍ଟର ଦେବିଜ୍ୟୋତି ମହାପାତ୍ର, ସବ୍ ଜଜ୍ ଶ୍ରୀ ସୋମ୍ୟରୂପ ସାହୁ, ଉପଖଣ୍ଡୀୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମତି ବର୍ଷା ଦାସ, ନ୍ୟାୟଧୁକାରୀ ଶ୍ରୀ ଚନ୍ଦନ କୁମାର ଦେହୁରୀ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧୁକରଣ ତଥା ଜିଲ୍ଲା ଅଦାଲତ ର କର୍ମଚାରୀ ମାନେ ଏଥିରେ ସହଯୋଗ କରିଥିଲେ ।




## ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାଦିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧ୍ୟକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

## ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

## ହାଉସିଂବୋର୍ଡ ଓନର୍ସ ଆସୋସିଏସନ ସାଧାରଣ ବୈଠକ

ଭୁବନେଶ୍ୱର,୧୭।୯ ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ ଓନର୍ସ ୱେଲଫେୟାର ଆସୋସିଏସନର ସାଧାରଣ ବୈଠକ ଚନ୍ଦ୍ରଶେଖରପୁର ସ୍ଥିତ ୧୦୮ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ନବ ନିଯୁକ୍ତ ସଭାପତି ତଥା ବରିଷ୍ଠ ଆଇନଜୀବୀ ସମରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ବରିଷ୍ଠ ନାଗରିକ ସଂଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ଡ. ମଧୁମାଧବ ଜେନା, ଜଗଦିଶ ରଥ, ସୁରେଶ ମହାପାତ୍ର, ଗୋଲକ ରାଉତ, ସନ୍ତୋଷ ମହାନ୍ତି, ପୁଷ୍କର ସାହୁ, ସୁନୀଲ ରାୟ, ଦେବଦ ପଟ୍ଟନାୟକ, ଭଗବାନ ଦାଶ ପ୍ରମୁଖ ଯୋଗଦାନ କରି ହାଉସିଂବୋର୍ଡ କଲୋନୀର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରିଥିଲେ । ସମ୍ପାଦକ ଅଭିମନ୍ୟୁ ଗିରି ବିବରଣୀ ପାଠ କରିଥିଲା ବେଳେ ଉପସଭାପତି ରମାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଭଦ୍ରକ : ଅବକାରୀ କର୍ମଚାରୀଙ୍କୁ ମାଡ ମାରିଥିବା ୩ ମଦ ମାଫିଆ ଗିରଫ

ଭଦ୍ରକ, (ପିଏନ)- ଅବକାରୀ କର୍ମଚାରୀମାନଙ୍କୁ ମଦ ମାଫିଆଙ୍କ ଆକ୍ରମଣ ଘଟଣାରେ ଭଦ୍ରକ ପୁରୁଣାବଜାର ଥାନା ପୁଲିସ୍ ୩ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି । ଖବର ଅନୁଯାୟୀ ଚଳିତ ମାସ ୭ ତାରିଖ ଦିନ ପୁରୁଣାବଜାର ଥାନା ମିର୍ଜାପୁର ଅଂଚଳରେ, ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଏହି ଚଢାଉ ସମୟରେ ବିପୁଳ ପରିମାଣର ମଦ ସହ ୨ ଜଣ ଗିରଫ ହୋଇଥିଲେ । ହେଲେ ମଦ ମାଫିଆମାନଙ୍କ ପାଲଟା ଆକ୍ରମଣର ସମ୍ମୁଖୀନ ହୋଇଥିଲେ ଅବକାରୀ କର୍ମଚାରୀ । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ସହ ମଦକୁ ବି ଛଡାଇ ନେଇଥିଲେ ଆକ୍ରମଣକାରୀ । ଏବଂ ଅଭିଯୁକ୍ତମାନେ ସମସ୍ତ ୭ ଜଣ ଅବକାରୀ କର୍ମଚାରୀଙ୍କୁ ମାଡ ମାରି ଆହତ କରିବା ସହ ଗ୍ରାମରେ ଅଟକାଇ ରଖିଥିଲେ । ପରେ ଏନେଇ ଥାନାରେ ଅଭିଯୋଗ ହୋଇଥିଲା । ପରେ ପୁଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା । ଶେଷରେ ଆଜି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ୍ ।

## ଦୁତିପଡା ଏଏନଏମଙ୍କ ବିରୁଦ୍ଧରେ ଦାବିପତ୍ର ପ୍ରଦାନ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୂତିପଡ଼ା ଗ୍ରାମ ପଂଚାୟତରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଂଚଳବାସୀ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ସେମାନେ ଦେଇଥିବା ଅଭିଯୋଗ ଅନୁସାରେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁତିପଡା ଏବଂ ଆଖପାଖର ଶତାଧିକ ଲୋକ ନିର୍ଭର କରୁଛନ୍ତି । ହେଲେ ସେହି କେନ୍ଦ୍ରର ଦାୟୀତ୍ୱରେ ଥିବା ଏ.ଏନ.ଏମ ନିୟମିତ ନ ଆସିବାରୁ ମାସର ଅଧିକାଂଶ ସମୟ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି । ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏଏନଏମ୍ ପ୍ରଭାସିନି ନାୟକଙ୍କ ମନମୁଖୀ କାର୍ଯ୍ୟରେ ଅଂଚଳବାସୀ ଅତିଷ୍ଠ ହୋଇ ଜିଲାପାଳ ଓ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ପ୍ରକାରେ, ଏଏନଏମ୍ ଜଣକ ନିୟମିତ ଭାବେ କାର୍ଯ୍ୟକୁ ଆସୁନଥିବାରୁ ସେହି ଉପସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ସଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ନ ପାଇ ସମସ୍ୟାରେ ପଡୁଛନ୍ତି । ଫଳରେ ସେମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ କିମ୍ବା ଖଜୁରିପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି । ନିଜ ଗାଁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଥିଲେ ମଧ୍ୟ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ବିଭିନ୍ନ ସମୟରେ ଗର୍ଭବତୀ, ନବଜାତ ଶିଶୁ ଓ ପ୍ରସୂତିମାନେ ଅନେକ ସମୟରେ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏନେଇ ଏଏନଏମଙ୍କ କହିଲେ ମିଥ୍ୟା କେସ୍ ଦେଇ ଲୋକଙ୍କୁ ହଇରାଣ କରୁଥିବା ମଧ୍ୟ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏ ଦିଗରେ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଅ ଳବାସୀ ଦାବିକରିଛନ୍ତି ।

## ପାରାଦୀପ ରେ ମହମ୍ମଦଙ୍କ ୧୪୯୯ତମ ଜୟନ୍ତୀ ଉତ୍ସବ ପାଳିତ

ପାରାଦ୍ୱୀପ,(ଙ୍ଗପାରାଦୀପ ବଡପଡିଆ ସ୍ଥିତ ପାରାଦ୍ୱୀପ ପୋର୍ଟ ଇସ୍ ?ଲାମିକ୍ ଆସୋସିଏସନ ର ଜାମା ମସ୍ ?ଜିଦ୍ ପକ୍ଷରୁ ସୋମବାର ଦିନ ମହାପୁରୁଷ ମହମ୍ମଦଙ୍କ ୧୪୯୯ତମ ଜନ୍ମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଆସୋସିଏସନ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା କରାଯାଇଥିଲା । ମୁସଲମାନ ଭାଇମାନେ ବଡପଡିଆ ଜାମା ମସ୍ ?ଜିଦ୍ ଠାରୁ ଶୋଭାଯାତ୍ରା ବାହାରି ବ୍ୟାଙ୍କ ଓ ମଧୁବନ ଛକ ଦେଇ କବରଖାନା ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ପୂର୍ବ ପୁରୁଷ ମାନଙ୍କ ଆତ୍ମାର ସଦ୍ ?ଗତି ପାଇଁ ଦୁଆ (ପ୍ରାର୍ଥନା) କରିଥିଲେ । ପରେ ସେହି ଶୋଭାଯାତ୍ରା ଶିବ ମନ୍ଦିର, ଭୂୟାଁଛକ, ବନ୍ଦର ପ୍ରଶାସନ ଭବନ ଦେଇ ଜାମା ମସ୍ ?ଜିଦ୍ ପର୍ଯ୍ୟନ୍ତ ଆସିଥିଲେ । ମସ୍ ?ଜିଦ୍ ପରିସରରେ ସଂଘର ସଭାପତି ସେଖ୍ ରମ୍ ?ଜାନ୍ ଓ ସମ୍ପାଦକ ସୁଫି ଅହମ୍ମଦ ଏବଂ ମୌଲାନା ଅବ୍ରାର ଆଲମ୍ ସମ୍ ?ସି, ହାଫିଜ୍ ମୋଜମିଲ ହୁସେନ୍ ମହମ୍ମଦଙ୍କ ନୀତିବାଣୀ ଉପରେ ଆଲୋଚ୍ନା କରିଥିଲେ ଏବଂ ଭାରତ ବର୍ଷରେ ଭାଇଚାରା, ଶାନ୍ତି ଓ ମୈତ୍ରୀ ଉପରେ ଗୁରୁତ୍ୱାରୋପ କରିଥିଲେ । ଭାରତ ତଥା ଓଡିଶାରେ ମୁସଲମାନ୍ ଓ ଅନ୍ୟ ଧର୍ମର ଲୋକମାନଙ୍କ ସହିତ ସଦଭାବନା ସବୁବେଳେ କାଏମ ରଖିବା ପାଇଁ ପ୍ରାର୍ଥନା କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ଆଜାଦ୍ ? ଭାରତ ମେମେରିଆଲ୍ ଟ୍ରଷ୍ଟର ସଭାପତି ଅବଦୁଲ୍ ଆବିଦ୍ ଖାନ୍, ସେଖ୍ ଜାଫର, ଅବ୍ ?ଦୁଲ ରହିମ୍ ଖାନ୍, ସେଖ୍ ଅବଦୁ ବାରି, ମଲ୍ଲିକ୍ ଇମ୍ରାନ୍, ନଦୀମ୍ ତାହିର୍ ଅଲ୍ଲୀ, ମୀରମମତାଜ ଅଲ୍ଲୀ, ସେଖ୍ ଇନ୍‌ତାରୁଲ୍ ହକ୍, ସେଖ୍ ଅନ୍ତର, ହଲିମ୍ ଅଲ୍ଲୀ ଖାନ୍, ସଉଦ୍ ଖାନ୍, ସେଖ୍ ସିଦିକ୍ ଆଲମ୍, ନସାଦ୍ ଅଲ୍ଲୀ, ସେଖ୍ ମମିନ୍ ଏବଂ ସେଖ୍ ଅଲ୍ଲୀ ପ୍ରମୁଖ ଏଥିରେ ସାମିଲ ହୋଇ ଜୁଲୁସ୍‌କୁ ସଫଳ କରିଥିଲେ ।

## ବାଇକ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

କେନ୍ଦ୍ରାପଡା, (ପିଏନ)- କଟକ-ଚାନ୍ଦବାଲି ରାସ୍ତାର ଜମଧର ଠାରେ ଗତ ୧୩ତାରିଖ ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଗହଗାନରସିଂପୁର ଗ୍ରାମର ଜ୍ଞାନରଞ୍ଜନ ପଣ୍ଡା ନାମକ ବ୍ୟକ୍ତି ଜଣକ ଗତ କିଛିବର୍ଷ ହେବ ମୁଲମଜୁରୀ ଲାଗିବାକୁ କେନ୍ଦ୍ରାପଡା ସହରର ମୀରପାଟଣା ଗ୍ରାମକୁ ଆସିଥାନ୍ତି । ସେ ଗତ ୧୩ତାରିଖ ସନ୍ଧ୍ୟାରେ ମଜୁରୀ ଲାଗି ଘରକୁ ସାଇକେଲରେ ଫେରୁଥିବା ବେଳେ ଜମଧର ନିକଟରେ ତାଙ୍କୁ ଏକ ବାଇକ ଧକ୍କା ଦେବାରୁ ସେ ତଳେ ପଡିଯାଇଥିଲେ । ତାଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭ ର୍ କରାଯାଇଥିଲା । ତାଙ୍କ ଅବସ୍ଥା ଗୁରୁ ର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଗତ ୧୫ତାରିଖ ରାତି ପ୍ରାୟ ସାଢେ ୮ଟା ସମୟରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି । ମୃତକଙ୍କ ପରିବାର ପକ୍ଷରୁ ଏସମ୍ପର୍କରେ ସଦର ଥାନାରେ ଅଭିଯୋଗ କରାଯାଇଥିବା ଜଣାପଡିଛି ।

## ଯୁବକକୁ ମାରଣାନ୍ତକ ଆକ୍ରମଣ ଘଟଣା : ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡଚଣା ବ୍ଲକ ସୀମାନ୍ତ ଅଂଚଳ କଦମପାଳ-ବନମାଳୀପୁର ମଧ୍ୟସ୍ଥଳରେ ବାଙ୍କି ବନ୍ଧ ନିକଟରେ ଘଟିଥିବା ବିଭତ୍ସ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତକୁ ଗିରଫ କରିବା ତହ ବ୍ୟବହୃତ ଏକ ଧାରୁଆ କଟୁରୀକୁ ଜବତ କରିଛି । ଅଭିଯୁକ୍ତ ଜଣକ ହେଲେ ବନମାଳୀପୁର ଗ୍ରାମର ସମ୍ପର୍କୀୟ ଭାଇ ପ୍ରଶାନ୍ତ ସେଠୀ ବୋଲି ଜଣାପଡିଛି । ପାରିବାରିକ ପୂର୍ବ ଶତ୍ରୁତାରୁ ଏଭଳି କାଣ୍ଡ ଭିଆଇଥିବା ନେଇ ପୋଲିସ ଆଗରେ ପ୍ରଶାନ୍ତ ସ୍ୱୀକାର କରିଥିବା ନେଇ ଯାଜପୁର ଏସଡିପିଓ ଚିନ୍ମୟ କୁମାର ନାୟକ ବାଲିଚନ୍ଦ୍ରପୁର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ସୂଚନା ଥାଉକି ଗତ କାଲି ସନ୍ଧ୍ୟା ୭ ଘଟିକା ସମୟରେ ଦୃର୍ବୃତଙ୍କ ଆକ୍ରମଣରେ ରାସ୍ତାରେ ଉପରେ ପଡିଥଲା ଏକ ଯୁବକର ମୃତ ଦେହ । ସ୍ଥାନୀୟ ଲୋକେ ରାସ୍ତାରେ ଯାତାୟତ ସମୟରେ ଦେଖିବାପରେ ଖବର ପଚାରିତ ହେବା ସହ ବାଲିଚନ୍ଦ୍ରପୁର ଥାନାକୁ ଖବର ଦିଆଯାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଥିଲା । ତଦନ୍ତ ସମୟରେ ମୃତ ଯୁବକର ପରିଚୟ ମିଳିଥିଲା । ମୃତ ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ଉତ୍ସବ ସେଠୀ(୩୨) ବୋଲି ଜଣାପଡିଥିଲା । ପୋଲିସ ୨୮୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଏବଂ ଘଟଣାସ୍ଥଳରୁ ଏକ ବାଇକ ଜବତ କରିଥିଲା । ବିଳମ୍ବିତ ରାତି ହେବାରୁ ଅଧିକ ତଦନ୍ତ ପାଇଁ ପୋଲିସ ସାଇଁଟିଫିକ ଦଳର ସହାୟତା ନେଇଥିଲା ।




MAHARISHI PUBLIC SCHOOL

2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

ଖେଳ

ପର୍ଯ୍ୟବେକ୍ଷକ

Bhubaneswar Wednesday September 18 2024 ଭୁବନେଶ୍ୱର ବୁଧବାର, ସେପ୍ଟେମ୍ବର ୧୮,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ଦେଉଳ ବେଡା କୋଲିୟରୀ ଠାରେ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟ ବୈଠକ




ଭୁବନେଶ୍ୱର,(ପି.ଏନ): ଶିକ୍ଷା ବିକାଶ ସମିତି, ଓଡିଶା ମଧ୍ୟ ସଂଭାଗ ର ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟ ବୈଠକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦେଉଳ ବେଡା କୋଲିୟରୀ ଠାରେ ତାରିଖ ୧୫-୦୯-୨୦୨୪ ରବିବାର ଏବଂ ୧୬-୦୯୨୦୨୪ରିଖ ସୋମବାର ଦୁଇଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ଉଦଘାଟନ ଉତ୍ସବ ରେ ଶିକ୍ଷା ବିକାଶ ସମିତି ଓଡିଶା ଙ୍କର ସଭାପତି ଡ଼ଃ. କିଶୋର ଚ଼ନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବେ ଦ୍ୱୀପ ପ୍ରଜ୍ଜଳନ କରି ବୈଠକ କୁ ଉଦଘାଟନ କରିଥିଲେ । ମଧ୍ୟ ସଂଭାଗ ସଭାପତି ଶ୍ରୀଯୁକ୍ତ ପରେଶ ଚ଼ନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଶ୍ରୀଯୁକ୍ତ ସନ୍ତୋଷ କୁମାର ପୃଷ୍ଟି ଓ ଶିକ୍ଷାବିକାଶ ସମିତି ଓଡିଶା ଙ୍କ ଉପସଭାପତି ଶ୍ରୀଯୁକ୍ତ କମଳା କାନ୍ତ ମିଶ୍ର ଉପସ୍ଥିତ ଥିଲେ । ମଧ୍ୟ ସଂଭାଗ ସଂଯୋଜକ ଶ୍ରୀଯୁକ୍ତ ମଧୁସୂଦନ ବାରିକ ଅତିଥି ମାନଙ୍କର ପରିଚ଼ୟ କରାଇଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦେଉଳ ବେଡା କୋଲିୟରୀ ର ସମ୍ପାଦକ ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସଂଧ୍ୟା ବନ୍ଦନା କଳାଂଶ ରେ ସ୍ଥାନୀୟ ବିଦ୍ୟାଳୟ ର ସଭାପତି ଶ୍ରୀଯୁକ୍ତ ହେମନ୍ତ ଶତପଥୀ ଦ୍ୱୀପ ପ୍ରଯ୍ୟଳନ କରିଥିଲେ । ଏହି କଳାଂଶ ରେ ସ୍ଥାନୀୟ ପରିଚ଼ାଳନା ସମିତି ର ସମସ୍ତ ସଦସ୍ୟ, ସଦସ୍ୟା ଉପସ୍ଥିତ ଥିଲେ, ଦ୍ୱିତୀୟ ଦିନ ର ପ୍ରାର୍ଥନା କଳାଂଶ ଶିକ୍ଷା ବିକାଶ ସମିତି ଙ୍କ ପରୀକ୍ଷା ସଂଯୋଜକ ଶ୍ରୀଯୁକ୍ତ ମନୋଜ ଦାସ ମା ସରସ୍ୱତୀ ଙ୍କ ବନ୍ଦନା କରିଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦେଉଳ ବେଡା କୋଲିୟରୀ ର ପ୍ରଧାନ ଆଚ଼ାର୍ଯ୍ୟ ଶ୍ରୀଯୁକ୍ତ ବାବୁଲି ସାମଲ ପରିଚ଼ୟ ପ୍ରଦାନ କରିଥିଲେ । ଶେଷ ରେ ସମାରୋପ କଳାଂଶ ରେ ଅନୁଗୋଳ ବିଭାଗ ନିରୀକ୍ଷକ ଶ୍ରୀଯୁକ୍ତ ବିରଞ୍ଚି ନାରାୟଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସ୍ଥାନୀୟ ଶିଶୁବିଦ୍ୟା ମନ୍ଦିର ର ସମସ୍ତ ଗୁରିଜୀ ଗୁରୁମା ପରିଚ଼ାଳନା ସମିତି ଓ ସମସ୍ତ କାର୍ଯ୍ୟକର୍ତ୍ତା ଙ୍କ ସହଯୋଗ ରେ ବୈଠକ ଦୁଇ ଦିନ ଧରି ନୂତନ ଶିକ୍ଷାନୀତି ଓ ଶିଶୁ ମନ୍ଦିର ର ବାର୍ଷିକ ଯୋଜନା ଓ ପରୀକ୍ଷା ସମ୍ବଧ ରେ ବିଶଦ ଆଲୋଚ଼ନା ହୋଇ ବିଦ୍ୟାଳୟ ସ୍ତର ରେ ସଫଳ ରୋପାୟାନ କରିବାର ସଂକଳ୍ପ ନେଇ ସମାପ୍ତ କରିଥିଲେ ।

# ସୁଭଦ୍ରା ଯୋଜନା ସିଧା ପ୍ରସାରଣ ଦେଖରବାକୁ ଆସିଥିବା ମହିଳା ହଟହଟା



କେନ୍ଦ୍ରାପଡ଼ା,(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭୁବନେଶ୍ୱରରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି । ସେହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବା ନିମନ୍ତେ କେନ୍ଦ୍ରାପଡା ବ୍ଲକ ପକ୍ଷରୁ କେନ୍ଦ୍ରାପଡା ସହରର ଇଛାପୁର ରଥଦାଣ୍ଡରେ ବ୍ୟବସ୍ଥା କରାଯାଇଥିଲା । ବ୍ଲକର ବିଡିଓ ବନ୍ଦନା ଖଟୁଆ ବ୍ଲକର ସମସ୍ତ ପ□ାୟତ ଗୁଡିକରେ ଥିବା ଗ୍ରାମପ□ାୟତ ମିଶନଶକ୍ତି ମହାସଙ୍ଘର ସିଆରପିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେହି ମହାସଙ୍ଘ ଅଧିନରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଗୁଡିକର ସଦସ୍ୟାମାନଙ୍କୁ ଇଛାପୁରସ୍ଥିତ ରଥଦାଣ୍ଡକୁ ଆଣିବାକୁ । ସେହି ଅନୁଯାୟୀ ଆଜି କେନ୍ଦ୍ରାପଡା ବ୍ଲକର ବିଭିନ୍ନ ଗ୍ରାମପ□ାୟତର ମିଶନଶକ୍ତି ମହାସଙ୍ଘର ପ୍ରାୟ ଦୁଇହଜାର ମହିଳା ସଦସ୍ୟା ଇଛାପୁରସ୍ଥିତ ରଥଦାଣ୍ଡକୁ ଶୁଭଦ୍ରା ଯୋଜନାର ସିଧା ପ୍ରସାରଣ ଦେଖିବାକୁ ଆସିଥିଲେ । ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୯ଟାରେ ଆରମ୍ଭ ହୋଇଥିବା ବେଳେ ଅପରାହ୍ନ ୨ଟାରେ ଶେଷ ହୋଇଥିଲା । କାର୍ଯ୍ୟକ୍ରମର ସମାପ୍ତି ପରେ ମହିଳାମାନେ ଖରାରେ ଇଛାପୁରରୁ ନଖାଇନପିଇ ଚାଲି ଚାଲି ଆସି ସାନ୍ତସାହି ପୋଲ ପାଖରେ ପହ□ିଥିଲେ । ସେମାନଙ୍କ ମଧ୍ୟରୁ ଘାଘରା, ଚାରିଗାଁ, କୋରୋ, ଇନ୍ଦୁପୁର ପ୍ରଭୃତି ପ□ାୟତର ମହିଳା ଥିଲେ । ସେମାନେ କହିଲେ ଯେ ଆମକୁ ସି.ଆର.ପି. ଘରୁ ଡାକି ଆଣିଲେ । ଆମେ ନିଜ ଖର୍ଚ୍ଚରେ ଆସିଲୁ । ଏବେ ନଖାଇ ନପିଇ ପ୍ରବଳ ଖରାରେ ନିଜ ଖର୍ଚ୍ଚରେ ଘରକୁ ଫେରିବୁ । ଆମକୁ ଡାକି ଖାଲି ଯାହା ହିନସ୍ତା କରାଯାଉଛି । ଆମକୁ ଘରୁ ନବା ଓ ଆଣିବା ବ୍ୟବସ୍ଥା ନାହିଁ କି ପାଣି ଟୋପେ ପିଇବାକୁ ଦେଲେ ନାହିଁ । ଗୁହାରି କଲେବି ପ୍ରଶାସନ କିଛି ବୁଝିଲା ନାହିଁ । ବାଧ ହୋଇ ଚାଲି ଚାଲି ଘରକୁ ଯିବୁ ବୋଲି ସେମାନେ କହୁଥିଲେ ।

# ବାଲିଗୁଡାରେ ସୁଭଦ୍ରା ଯୋଜନା ଶୁଭାରମ୍ଭ





କନ୍ଧମାଳ,(ପି.ଏନ):ବାଲିଗୁଡ଼ା ବ୍ଲକରେ ସୁଭଦ୍ରା ଯୋଜନା ର ଶୁଭାରମ୍ଭ ହୋଇଯାଇଛି । ବାଲିଗୁଡ଼ା ବନ୍ଦେ ଉତ୍କଳ ଜନନୀ ଟାଉନ ହଲରେ ଭୁବନେଶ୍ୱର ରେ ମାନ୍ୟବର ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ସୁଭଦ୍ରା ଯୋଜନା ର କାର୍ଯ୍ୟ କ୍ରମ ଦେଖିବା ପାଇଁ ଅନ୍ୟୁନ ୪ହଜାର ମହିଳାଙ୍କ ର ସମାବେଶ ହୋଇଥିଲା । ସମାବେଶ ରେ ପ୍ରାରମ୍ଭରେ ଏନ ଏ ସି ର ଇ ଓ ବିବେକାନନ୍ଦ ଦଳେଇ ସ୍ୱଛତା ଉପରେ ସମ୍ୟକ୍ ସୂଚନା ଦେଇଥିଲେ । ବି ଡି ଓ ଅଚ୍ୟୁତାନନ୍ଦ ଜାନୀ ସୁଭଦ୍ରା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ ! ସି ଡି ପି ଓ ଶ୍ରୀମତୀ କ୍ରିଷ୍ଣା ପଣ୍ଡା ସୁଭଦ୍ରା ଯୋଜନା ରେ ମହିଳା ମାନେ କିଭଳି ସ୍ୱାବଲମ୍ୱୀ ହୋଇ ସେମାନଙ୍କର ପରିବାର ର ଆର୍ଥିକ ମେରୁଦଣ୍ଡ ସୁଦୃଢ଼ କରି ପାରିବେ ସେ ନେଇ ଆଲୋକପାତ କରିଥିଲେ । ସାଂସଦ ଙ୍କ ପ୍ରତିନିଧି ରଞ୍ଜିତ କୁମାର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ । ଏସ ଏଚ୍ ଜି ମହିଳା ମାନେ ସୁଭଦ୍ରା ଯୋଜନା ସଂପର୍କୀତ ନୃତ୍ୟ ପରିବେଷଣ କରିଥିଲେ । ମିଡ଼ିଆକିଆ ର ଲାଖପତି ଦିଦି ପାର୍ବତୀ ପ୍ରଧାନ, ଲିଲି ଦିଗାଲ ସଂଗୀତା ନାୟକ ପ୍ରମୁଖ କିଭଳି ଭାବରେ ଛୋଟ ବ୍ୟବସାୟରୁ ଲାଖପତି ବନିଛନ୍ତି ସେସବୁ ବ୍ୟାଖ୍ୟା କରିଥିଲେ । ଏହି ଅବସର ରେ ପାଞ୍ଚଜଣଙ୍କ ପ୍ରଧାମନ୍ତ୍ରୀଙ୍କର୍ ଜନ୍ମ ଦିବସରେ ପ୍ରଧାମନ୍ତ୍ରୀ ଆବାସ ର କାର୍ଯ୍ୟାଦେଶ ଓ ଗୃହ ନିର୍ମାଣ ଅବଧି ମଧ୍ୟରେ ଶେଷ କରିଥିବାରୁ ଗୃହ ର ଚ଼ାବି କାଠି ପ୍ରଦାନ କରାଯାଇଥିଲା । ପ୍ରଧାମନ୍ତ୍ରୀ ଡିଜିଟାଲ ରିମୋଟ ଦ୍ୱାରା ୨୬୧୧ ଜଣ ଙ୍କ ବ୍ୟାଙ୍କ୍ ଖାତାକୁ ଟ ୫୦୦୦/ ପ୍ରଦାନ କରିଥିଲେ । ବାଲିଗୁଡା ସମାବେଶରେ ବସିଥିବା ଅଧିକାଂଶ ହିତାଧିକାରୀ ମାନଙ୍କ ମୋବାଇଲ କୁ ୫୦୦୦ଟଙ୍କା ଡିପୋଜିଟ ହୋଇଥିବା ମେସେଜ ଆସିଥିବାରୁ ହର୍ଷ ଉଲ୍ଲାସରେ ସମାବେଶ ସ୍ଥଳ ପ୍ରକମ୍ପିତ ହୋଇଥିଲା । ପ୍ରଧାମନ୍ତ୍ରୀଙ୍କ ଅଭିଭାଷଣ ସମାପ୍ତ ହେବାପରେ ମହିଳା ମାନେ ପ୍ରସ୍ଥାନ କରିଥିଲେ । ଏଥି ପୂର୍ବରୁ ପୁନର୍ବାର ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ଲୋକଙ୍କୁ ସମାବେଶ ସ୍ଥଳକୁ ଆଣିବା ପାଇଁ ପ୍ରତ୍ୟେକ ପଞ୍ଚାୟତ କୁ ୮/୧୦ ଟି ଅଟୋ ରିକ୍ସା ପଠା ଯାଇଥିଲା । ବ୍ଲକ୍ ପକ୍ଷରୁ ୪ହଜାର ମହିଳା ବସିବା ପାଇଁ ବ୍ୟବସ୍ଥା କରାଯାଇଥିଲା । ଖାଦ୍ୟ ପାନୀୟ ବ୍ୟବସ୍ଥା ବ୍ଲକ୍ ର ଯେ ଇ ମାନେ ସୁଚ଼ାରୁ ରୂପେ ତୁଲାଇ ଥିଲେ ।

# ବାଇକ-ସ୍କୁଟି ଦୁର୍ଘଟଣାରେ ୨ ଆହତ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ସହରର ତିନିମୁହାଣୀ ଛକ ଶିବ ମନ୍ଦିର ନିକଟରେ ଏକ ବାଇକ ଓ ସ୍କୁଟି ମଧ୍ୟରେ ଧକ୍କା ହେବାରୁ ଦୁଇଜଣ ଆହତ ହୋଇଥିବା ଜଣାପଡିଛି । ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ଭାବେ ଆହତ ହୋଇ କଟକ ସ୍ଥାନାନ୍ତରିତ ହୋଇଛନ୍ତି । ଗୁରୁତର ହୋଇଥିବା କବି ପ୍ରସାଦ ମଲ୍ଲିକଙ୍କୁ ପ୍ରଥମେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭ ି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ରେଫର କରିଦେଇଛନ୍ତି । ଅନ୍ୟ ଜଣେ ଆହତ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁଯାଇ କବି ପ୍ରସାଦ ମଲ୍ଲିକ ନିଜ ସ୍କୁଟି ଯୋଗେ ରାସ୍ତା ପାର ହେଉଥିବା ବେଳେ ଏକ ବାଇକରେ ୩ ଜଣ ବସି ଦ୍ରୁତ ଗତିରେ ତିନିମୁହାଣୀ ଅଭିମୁଖେ ଆସୁଥିବା ଅବସ୍ଥାରେ କବି ପ୍ରସାଦଙ୍କ ସ୍କୁଟିକୁ ଜୋରରେ ଧକ୍କା ଦେବା ଫଳରେ କବି ପ୍ରସାଦ ଗୁରୁତର ହୋଇ ତଳେ ପଡିଯାଇଥିଲେ । ସେହିପରି ବାଇକରେ ଯାଉଥିବା ତିନି ଜଣଙ୍କ ମଧ୍ୟରୁ ଗାଡି ଚଳାଉଥିବା ଯୁବକ ଜଣକ ଆହତ ହୋଇଥିଲେ । ଟାଉନ ଥାନା ପୋଲିସ ଉଭୟଙ୍କୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭ ି କରିଥିଲେ । ସେଠାରେ ଶ୍ରୀ ମଲ୍ଲିକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜିଲ୍ଲା ସ୍ତରୀୟ ବିଜ୍ଞାନମେଳା

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପ ାୟତର ବାଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରରେ ଏକ ଜିଲ୍ଲା ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିର ପରିଚାଳନା ପରିଷଦର ସଭାପତି ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଏବଂ ପ୍ରଧାନ ଆଚାର୍ଯ୍ୟ ବିଭୁତିରଞ୍ଜନ ରାଉତଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ଜିଲ୍ଲାର ଶିକ୍ଷା ବିକାଶ ସଂସ୍ଥାନ ସହବନ୍ଧିତ ଥିବା ୧୨ଟି ବିଦ୍ୟାଳୟର ପ୍ରାୟ ଏକଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସେମାନଙ୍କର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ଏହି ପ୍ରକଳ୍ପ ଗୁଡିକୁ ମୂଲ୍ୟାୟନ କରିବା ପାଇଁ ଶିକ୍ଷା ବିକାଶ ସଂସ୍ଥାନର ବିଶ୍ୱଜିତ ବିଶ୍ୱାଳ ଓ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମଲ୍ଲିକ ଯୋଗଦେଇ ବିଜ୍ଞାନର ଉପଯୋଗିତା ସମ୍ବନ୍ଧରେ ପିଲାମାନଙ୍କୁ ବୁଝାଇଥିଲେ । ପରିଚାଳନା ପରିଷଦର ସଭାପତି ଶ୍ରୀ ସାହୁ ଓ ସମ୍ପାଦକ ରାଜଗୋପାଳ ମହାନ୍ତି ପିଲାମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ବିଦ୍ୟାମନ୍ଦିରରର ସମସ୍ତ ଗୁରୁଜୀ, ଗୁରୁମା ଓ କର୍ମଚାରୀମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମଟି ସଫଳ ହୋଇଥିବାରୁ ସେମାନଙ୍କୁ ସାଧୁବାଦ ପ୍ରଦାନ କରାଯାଇଥିଲା ।

# ଧାମନଗରରେ ଶିଳ୍ପ,ବିଦ୍ୟୁତ କେନ୍ଦ୍ର ଓ ବିଭିନ୍ନ ଅନୁଷ୍ଠାନରେ ବିଶ୍ୱକର୍ମା ପୂଜା ପାଳନ



ଧାମନଗର,(ପି.ଏନ): ଧାମନଗର ବ୍ଲକ ଓ ଏନ ଏ ସି ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଶିଳ୍ପ,ବିଦ୍ୟୁତ କେନ୍ଦ୍ର ଶିକ୍ଷାନୁଷ୍ଠାନ ଓ ପ୍ରତିଷ୍ଠାନରେ ଦେବଶିଳ୍ପୀ ଭଗବାନ ବିଶ୍ୱକର୍ମାଙ୍କ ପୂଜା ଶ୍ରଦ୍ଧା ଓ ଭକ୍ତିର ସହ ମହା ସମାରୋହରେ ପାଳନ କରାଯାଇଛି । ଧାମନଗର ଏନ୍? ଏ ସି ଅନ୍ତର୍ଗତ ନିତ୍ୟାନନ୍ଦ ଶିଳ୍ପ ତାଲିମ ଅନୁଷ୍ଠାନରେ ପୂଜାର୍ଚ୍ଚନା ସମୟରେ ମୁଖ୍ୟ ଜୟନ୍ତ କୁମାର ବିଶ୍ୱାଳ ଉପସ୍ଥିତ ଥିବା ବେଳେ ଏନ ଏ ସି କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଉପାଧ୍ୟକ୍ଷ ଓସିମ ଏଜଦାନି କାଦରି,ସହକାରୀ ଯନ୍ତ୍ରୀ ବଳରାମ ମହାନ୍ତି,କନିଷ୍ଠ ଯନ୍ତ୍ରୀ ନୀଳକଣ୍ଠ ନାୟକ,ଠିକାଦାର ରାଜେଶ ମହାନ୍ତି,ତୁଷାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ପଳିଗିରି ଛକ ମା’ ରାଇସ ମିଲ୍ ମୁଖ୍ୟ କୈଳାସ ଚ଼ନ୍ଦ୍ର ମହାପାତ୍ର,ଧାମନଗର ବିଦ୍ୟୁତ ବିଭାଗ ପକ୍ଷରୁ ପାୱାର ହାଉସ ଠାରେ କନିଷ୍ଠ ଯନ୍ତ୍ରୀ ଶ୍ୱାସତ ନଦୀଙ୍କ ତତ୍ତ୍ୱାବଧାନରେ ବିଶ୍ୱକର୍ମାଙ୍କ ପୂଜା କରାଯାଇଛି । ସେହିପରି ଧାମନଗର ଠିକାଦାର ସଂଘ ଓ ଟ୍ରେକର ଷ୍ଟାଣ୍ଡଠାରେ ମାଲିକ ସଂଘ,ସମସ୍ତ ଗ୍ୟାରେଜ,ନିର୍ମାଣ ଓ କାରିଗରୀ ଜ୍ଞାନର ଓ ଅଞ୍ଚଳରେ ଥିବା ସମସ୍ତ ଗ୍ୟାରେଜ,ଷ୍ଟିଲ ଫର୍ଣ୍ଣିଚ଼ର,ହାଲୁକା ଓ ଭାରି ଯାନବାହନ ଆଦି ଦେବଶିଳ୍ପୀଙ୍କ ପୂଜାର୍ଜନା କରାଯାଇଛି । ଧାମନଗର ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆନନ୍ଦ ଉଲ୍ଲାସର ସହ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି । ସନ୍ଧ୍ୟାରେ ବିଭିନ୍ନ ପୂଜା ମଣ୍ଡପ ଓ ମେଢ଼ ଆଲୋକରେ ସୁସଜ୍ଜିତ ବେଶ ଆକର୍ଷଣୀୟ ହୋଇଥିବା ଦେଖିବାକୁ ମିଳିଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray